# ଜଳ ସଙ୍କଟ ଯୋଗୁଁ କାନ୍ଦୁଛି ଚିରସ୍ରୋତା
# ଅସ୍ତିତ୍ୱ ହରାଇବାକୁ ବସିଲାଣି ପ୍ରାଚୀ

କୁଣ୍ଢେଇ,୨୨।୧(ସମିସ)

୭୮ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ପ୍ରାଚୀ ନଦୀ ଖୋର୍ଦ୍ଧା, କଟକ ଓ ପୁରୀ ଜିଲ୍ଲାର ୬ଟି ବ୍ଲକ୍ ଯଥା- ବାଲିଅନ୍ତା, ବାରଙ୍ଗ, କଣ୍ଟାପଡ଼ା, ନିଆଳି, କାକଟପୁର ଓ ଅସ୍ତରଙ୍ଗ ଦେଇ





ସମୁଦ୍ରରେ ମିଶିଛି। ଦ୍ୱାଦଶ ଶତାବ୍ଦୀରେ ବିଶ୍ୱ ପ୍ରସିଦ୍ଧ କୋଣାର୍କ ମନ୍ଦିର ନିର୍ମାଣ ନିମିତ୍ତ ବ୍ୟବହାର ବୃହତ୍ତମ ପଥରଗୁଡ଼ିକ ଏହି ନଦୀ ମାଧ୍ୟମରେ ଅଣାଯାଉଥିଲା। ପୁରୀ ଜିଲ୍ଲା କାକଟପୁର ଅଞ୍ଚଳର ଜୀବନରେଖା ଭାବେ ଦିନେ ପରିଚିତ ଥିବା ପ୍ରାଚୀ ନଦୀ ଏବେ ତା'ର ଅସ୍ତିତ୍ୱ ହରାଇବାକୁ ବସିଛି। ଦିନେ ଚିରସ୍ରୋତା ଥିବା ଏହି ନଦୀ ନିଜର ସତ୍ତା ରକ୍ଷା ପାଇଁ ସଂଗ୍ରାମ କରୁଛି। ବର୍ଷା ଋତୁକୁ ଛାଡ଼ିଦେଲେ ଅବଶିଷ୍ଟ ଦିନ ଏହାର ଶଯ୍ୟା ଜଳଶୂନ୍ୟ। ଏହି ପୁଣ୍ୟତୋୟା ପ୍ରାଚୀ ନଦୀ କୂଳେ କୂଳେ ଜନବସତିମାନ ଗଢ଼ିଉଠିଥିଲା। ଏହି ଜନବସତିକୁ ନେଇ ବିଭିନ୍ନ ଗ୍ରାମ ସୃଷ୍ଟି ହୋଇଥିବା କିମ୍ବଦନ୍ତୀ ରହିଛି। ସେହିପରି ଏହି ନଦୀ କୂଳରେ ଅଷ୍ଟଶମ୍ଭୁ, ଅଷ୍ଟ ମାଧବ, ଅଷ୍ଟଚଣ୍ଡୀ, ସ୍ରୋତସ୍ୱିନୀ ପ୍ରାଚୀ ନୌବାଣିଜ୍ୟ ପାଇଁ ଉତ୍କଳର ପରିଚୟ ବହନ କରୁଥିଲା। ଏହା କାଠଯୋଡ଼ି ନଦୀର ଏକ ଶାଖା ନଦୀ ଥିଲା। କିନ୍ତୁ ଏବେ ଅଡ଼ଶପୁରଠାରୁ କେବଳ ସଫେଇ ନାଳ ଭାବେ ସ୍ଥାନେ ସ୍ଥାନେ ଦେଖାଯାଉଥିବା ବେଳେ ଏଠାରୁ କାଠଯୋଡ଼ି ପର୍ଯ୍ୟନ୍ତ ଏହାର ଅସ୍ତିତ୍ୱ ନାହିଁ। ପୁଣ୍ୟତୋୟା ପ୍ରାଚୀ ନଦୀର ନିମ୍ନ ଉପତ୍ୟକାରେ ଜଳ ସଙ୍କଟ ଦିନକୁ ଦିନ ବଢୁଥିବାରୁ ଅଞ୍ଚଳବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରାଚୀ ନଦୀ ଶଯ୍ୟା ପୋତି ହୋଇଗଲାଣି। ଏପରିକି ବର୍ଷା ଓ ବନ୍ୟା ସମୟକୁ ଛାଡ଼ିଦେଲେ ଅନ୍ୟ ସମୟରେ ପାଣି ମୁନ୍ଦେ

- ଶହଶହ ଉଠା ଜଳସେଚନ ପ୍ରକଳ୍ପ ଅଚଳ
- ଜଳ ଅଭାବରୁ ପଡ଼ିଆ ପଡ଼ିଛି ଚାଷଜମି
- ଜୀବିକା ହରାଇଲେଣି ଶହଶହ ମତ୍ସ୍ୟଜୀବୀ
- ପୁନଃଉଦ୍ଧାର ପାଇଁ ଦାବି କରିଛନ୍ତି କାକଟପୁରବାସୀ

ମିଳୁନାହିଁ। ପାନୀୟଜଳର ଉତ୍କଟ ଅଭାବ ଦେଖାଦେଇଛି।

୧୯୮୦ ମସିହା ପୂର୍ବରୁ ଏହି ନଦୀରେ ପ୍ରଚୁର ଜଳ ରହୁଥିଲା। ଯାହା ଫଳରେ ସମ୍ପୃକ୍ତ ଅଞ୍ଚଳର କୃଷି ପାଇଁ ବରଦାନ ଥିଲା। କାଳକ୍ରମେ ଜଙ୍ଗଲ ନଷ୍ଟ, ଜନସଂଖ୍ୟା ବୃଦ୍ଧି, ଜଳବାୟୁ ପରିବର୍ତ୍ତନ, ରାସ୍ତାଘାଟ, କୋଠାବାଡ଼ି ନିର୍ମାଣ, କିଛି ଜାଗାରେ ପ୍ରାଚୀ ନଦୀ ତଟ ପଠାକୁ ପୋତି ଘର କରିଥିବା ଦେଖାଯାଏ। ଏହିପରି ବିଭିନ୍ନ କୁକାରଣ ପାଇଁ ପ୍ରାଚୀ ନଦୀର ଜଳସ୍ରୋତ କମିବାରେ ଲାଗିଛି। କେବଳ ବର୍ଷା ଋତୁକୁ ଛାଡ଼ିଦେଲେ ଅନ୍ୟ ସମୟରେ ପ୍ରାଚୀ ନଦୀ ଶୁଷ୍କ ପଡ଼ିଛି। ଫଳରେ ଭୂତଳ ଜଳସ୍ତର ହ୍ରାସ ପାଇବା ଯୋଗୁଁ ନଳକୂଅ, ପୋଖରୀଗୁଡ଼ିକ ଶୁଖିଲା ପଡ଼ିଛି। ଜୀବନଧାରଣ ପାଇଁ ଜଳ ଏକ ଅପରିହାର୍ଯ୍ୟ ଆବଶ୍ୟକତା। ସେଥିପାଇଁ ନଦୀକୂଳମାନଙ୍କରେ ମାନବ ସଭ୍ୟତା ଗଢ଼ିଉଠିଥିଲା। ତାହା ସହିତ ନଦୀ କୂଳେ କୂଳେ ବହୁ ମଠ, ମନ୍ଦିର ଗଢ଼ିଉଠିଥିଲା। ଏ ଅଞ୍ଚଳର ହଜାର ହଜାର ଏକର ଚାଷ ଜମି ରହିଛି। ଚାଷ ପାଇଁ ନଦୀରେ ବର୍ଷତମାମ ଜଳ ରହୁ ନ ଥିବାରୁ ୨୦୦୯ରେ ତତ୍କାଳୀନ କାକଟପୁର ବିଧାୟକ ତଥା କୃଷିମନ୍ତ୍ରୀ ସ୍ୱର୍ଗତ ସୁରେନ୍ଦ୍ର ନାଥ ନାୟକ ପ୍ରାଚୀ ନଦୀ ଉପରେ କୁଣ୍ଢେଇ ପଞ୍ଚାୟତ ବାଜପୁର ଗ୍ରାମ ନିକଟରେ ପ୍ରାଚୀ ବ୍ୟାରେଜ୍ ପାଇଁ ଶିଳାନ୍ୟାସ କରିଥିଲେ। ଶିଳାନ୍ୟାସକୁ ୧୬ ବର୍ଷ ପୂରିଯାଇଥିଲେ ମଧ୍ୟ ଅଧପନ୍ତରିଆ ଭାବେ ବ୍ୟାରେଜ୍ କାମ ପଡ଼ିରହିଛି। ବ୍ୟାରେଜ୍ କାର୍ଯ୍ୟ ସରିଥିଲେ ଚାଷ କାମ ପାଇଁ ଜଳର ଅଭାବ ଦୂର ହୋଇଥା'ନ୍ତା। ପ୍ରାଚୀ ନଦୀର ଅବସ୍ଥା କିଛି ସୁଧାର ଆସିପାରିବ ବୋଲି ସ୍ଥାନୀୟବାସୀଙ୍କ ମତ ପ୍ରକାଶ ପାଇଛି। ପ୍ରାଚୀ ନଦୀ କୂଳରେ ଶତାଧିକ ଉଠା ଜଳସେଚନ ପ୍ରକଳ୍ପ ଚାଲୁଥିଲା। ପରିବା ଚାଷ କରି ଚାଷୀ ଲାଭବାନ ହେଉଥିଲେ। ହେଲେ ଏବେ ନଦୀରେ ଜଳ ଅଭାବରୁ ଶହଶହ ଜମି ପଡ଼ିଆ ପଡ଼ିଛି। ଶହଶହ ଉଠା ଜଳସେଚନ ପ୍ରକଳ୍ପ ଅଚଳ ହୋଇ ପଡ଼ିଛି। ଅତୀତରେ ଶହଶହ ମତ୍ସ୍ୟଜୀବୀ ଏଠାରେ ମାଛ ମାରି ପରିବାର ପ୍ରତିପୋଷଣ କରୁଥିଲେ। ଏବେ କିନ୍ତୁ ପାଣି ନ ଥିବାରୁ ଡଙ୍ଗା ଓ ଜାଲକୁ ସେମାନେ ବିକିସାରିଲେଣି। ଶହଶହ ମତ୍ସ୍ୟଜୀବୀ ପରିବାର ନିଜର ଜୀବିକା ହରାଇ ଭୋକ ଉପାସରେ ଦିନ କାଟୁଛନ୍ତି। ତେବେ ପ୍ରାଚୀ ନଦୀ ଖନନ ନ ହେଲେ ଆଗାମୀ ଦିନରେ ପ୍ରାଚୀ ନଦୀ ଓଡ଼ିଶା ମାନଚିତ୍ରରୁ ଲିଭିଯିବ ବୋଲି ବହୁ ବୁଦ୍ଧିଜୀବୀ, ପରିବେଶବିତ୍ ମତ ପ୍ରକାଶ କରିଛନ୍ତି।

## ଦୟା ଓ ମକରା ନଦୀରେ ଦଳପୂର୍ଣ୍ଣ; ଜଳ ନିଷ୍କାସନରେ ବାଧା



କଣାସ: କଣାସ ବ୍ଲକ୍‌ରେ ପ୍ରବାହିତ ହେଉଥିବା ଦୟାନଦୀ ଓ ତାହାର ଶାଖାନଦୀ ମକରା ନଦୀରେ କଳିକତି ଦଳ ପୂର୍ଣ୍ଣ ହୋଇଥିବାରୁ ଜଳ ନିଷ୍କାସନରେ ବ୍ୟାଘାତ ସୃଷ୍ଟି କରୁଛି। ନଦୀକୁ ସଂଯୋଗ କରୁଥିବା ବିଭିନ୍ନ ନିଷ୍କାସନ ନାଳରେ ଦଳପୂର୍ଣ୍ଣ ଯୋଗୁଁ ନଦୀରୁ ନାଳ ମଧ୍ୟ ଦେଇ ଜଳ ପ୍ରବେଶ କରିପାରୁ ନ ଥିବାରୁ ରବି ଚାଷ କରୁଥିବା ଚାଷୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି କଣାସ ଅଞ୍ଚଳର ଦୈନନ୍ଦିନ ୧୦ହଜାରରୁ ଊର୍ଦ୍ଧ୍ୱ ବିଭିନ୍ନ ଗ୍ରାମର ମତ୍ସ୍ୟଜୀବୀ ଡଙ୍ଗା ନେଇ ପ୍ରଭାତରୁ ଚିଲିକାକୁ ଯାଇ ମାଛମାରି ପୁନଶ୍ଚ ସନ୍ଧ୍ୟାରେ ଘରକୁ ଫେରିଆସନ୍ତି। ଦଳପୂର୍ଣ୍ଣ ଯୋଗୁଁ ଡଙ୍ଗା ଯିବାରେ ମତ୍ସ୍ୟଜୀବୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

## ବସନ୍ତପୁର ଯଜ୍ଞରେ କୁନି ପ୍ରବଚକ କେଶବ ଦାସ



କଣାସ,୨୨।୧(ସମିସ): ପୁରୀ ଜିଲ୍ଲା କଣାସ ବ୍ଲକ୍ ଅନ୍ତର୍ଗତ ବସନ୍ତପୁରଠାରେ ଶ୍ରୀଶ୍ରୀ ବାଙ୍କେଶ୍ୱର ମହାଦେବଙ୍କ ୮୦ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଅବସରରେ ଓଡ଼ିଶାର ଚର୍ଚ୍ଚିତ ପ୍ରତିଭା କୁନି ପ୍ରବଚକ କେଶବ ଦାସ ଦ୍ୱିତିକୃଷ୍ଣ ଯୋଗଦେଇ ସାରଗର୍ଭକ ପ୍ରବଚନ ଦେଇଥିଲେ। ଧାର୍ମିକ ଭାବନା ସହ ଉଚ୍ଚାରଣ ଓ ଆଚରଣର ସାମଞ୍ଜସ୍ୟ ରହିବା ଜରୁରୀ ବୋଲି ସେ କହିଥିଲେ। ଭାଗବତ, ରାମାୟଣ ଓ ବୈଦିକ ସିଦ୍ଧାନ୍ତ ସହ ପରିବେଷିତ ପ୍ରବଚନ ଉଚ୍ଚକୋଟିର ହୋଇଥିଲା। ଏହି କାର୍ଯ୍ୟକ୍ରମରେ ନିଖିଳ ଓଡ଼ିଶା ପ୍ରବକ୍ତା ପରିଷଦର କାର୍ଯ୍ୟକାରୀ ସଭାପତି କବିକସ୍ତୁରୀ ଦିଲ୍ଲୀପ ଶ୍ରୀଚନ୍ଦନ ଯୋଗଦେଇ ଯଜ୍ଞ ଓ ଆଧ୍ୟାତ୍ମିକ ପ୍ରସଙ୍ଗ ଆଲୋଚନା କରିଥିଲେ। ଚାରୋଟି ପଞ୍ଚାୟତରୁ ସହସ୍ରାଧିକ ଲୋକ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରବଚନ ଶ୍ରବଣ କରିଥିଲେ। ଗ୍ରାମ୍ୟ ପରିଚାଳନା କମିଟି ପକ୍ଷରୁ ପ୍ରବକ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କଳସ ଶୋଭାଯାତ୍ରା, ସୂର୍ଯ୍ୟପୂଜା, ଶାଳାପ୍ରବେଶ ହୋଇ ପ୍ରତ୍ୟହ ବୈଦିକ ଯଜ୍ଞ ବିଧାନ ଅନୁଷ୍ଠିତ ହେଉଛି। ଶୁକ୍ରବାର ଉଦ୍‌ଯାପନ ହେବ ବୋଲି ଜଣାପଡ଼ିଛି।

## କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ: ଫାଇନାଲରେ ଜଟଣୀ

ସାକ୍ଷୀଗୋପାଳ,୨୨।୧(ସମିସ): ପଞ୍ଚସଖା ମେମୋରିଆଲ କ୍ଲବ୍ ଦ୍ୱାରା ଆୟୋଜିତ ୨୯ତମ ପଞ୍ଚସଖା ଓ ପ୍ରଥମ ସୂର୍ଯ୍ୟ ପଟ୍ଟନାୟକ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଗୁରୁବାର ପଞ୍ଚମ ଦିନରେ ଭୁବନ ସ୍ପୋର୍ଟିଂ, ଢେଙ୍କାନାଳ ଓ ଜଟଣୀ କ୍ରିକେଟ ଆସୋସିଏସନ୍ ମଧ୍ୟରେ ପ୍ରଥମ ସେମି ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଢେଙ୍କାନାଳୁ ପରାସ୍ତ କରି ଜଟଣୀ ଫାଇନାଲକୁ ପ୍ରବେଶ କରିଛି। ଜଟଣୀ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୨୫ ଓଭରରେ ଆଇଏସ୍ ଗିରିଙ୍କ ଆକର୍ଷଣୀୟ ୯୦ ରନ୍ ଓ ସନ୍ଦିପ ପାଇକରାୟଙ୍କ ୩୩ ରନ୍ ସହାୟତାରେ ୨୨୭ ରନ୍ ସଂଗ୍ରହ କରିଥିଲା।



ଭୁବନ ଏକାଦଶର ଲକ୍ଷ୍ମୀଧର ସାହୁ ୪ଟି ୱିକେଟ ନେଇଥିଲେ। ଜବାବରେ ଭୁବନ ସ୍ପୋର୍ଟିଂ ସମସ୍ତ ୱିକେଟ ହରାଇ ୧୮୨ ରନ୍ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲା। ମ୍ୟାଚ୍‌କୁ ପ୍ରଶାନ୍ତ ଶତପଥୀ ଓ ବିଜୟ ବେହେରା ପରିଚାଳନା କରିଥିଲେ। ଖେଳ ଶେଷରେ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିଜୟୀ ଜଟଣୀ ଏକାଦଶର ଆଇଏସ୍ ଗିରିଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପଞ୍ଚସଖା ମେମୋରିଆଲ କ୍ଲବ୍‌ର ବରିଷ୍ଠ ସଦସ୍ୟ ଗୋପୀନାଥ ରଥ ପ୍ରଦାନ କରିଥିଲେ। ରାଧାକ୍ରିଷ୍ଣ ମୁନା ସିଂ ସମ୍ପୂର୍ଣ୍ଣ ମ୍ୟାଚ୍‌ର ଧାରା ବିବରଣୀ ପ୍ରଦାନ କରିଥିଲେ।

## ଗମ୍ଭାରୀପଦାରେ ମଣ୍ଡି ଉଦ୍‌ଘାଟିତ

ଗମ୍ଭାରୀପଦା,୨୨।୧(ସମିସ): ଖରିଫ ଧାନ ସଂଗ୍ରହ ପାଇଁ ଗମ୍ଭାରୀପଦା ସେବା ସମବାୟ ସମିତି ପକ୍ଷରୁ ସରକାରଙ୍କ ଧାନ ମଣ୍ଡି ସମିତିର ସମ୍ପାଦକ ରାମକୃଷ୍ଣ ପଣ୍ଡାଙ୍କ ପୌରୋହିତ୍ୟରେ ଉଦ୍‌ଘାଟିତ ହୋଇଯାଇଛି। ସମିତିର ସଭାପତି ଅମିତ ବିକ୍ରମ ଖୁଣ୍ଟିଆ, ସରପଞ୍ଚ ରୀନା ନାୟକ, ଅଗ୍ରଣୀ ଚାଷୀ ପ୍ରହଲ୍ଲାଦ ସାହୁ, କାକଟପୁର ଶାଖା ସମବାୟ ବ୍ୟାଙ୍କର ମ୍ୟାନେଜର ବାବାଜୀ ଚରଣ ମୁଦୁଲି, ମାନସ ଖୁଣ୍ଟିଆ, ଭିକାରୀ ଚରଣ ଷଡ଼ଙ୍ଗୀ ପ୍ରମୁଖ ମଣ୍ଡି ଉଦ୍‌ଘାଟନରେ ଅଂଶଗ୍ରହଣ କରିଥିଲେ। କଟ୍‌ନୀଛଟ୍‌ନୀ ଓ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ଅଖାଗୁଡ଼ିକ ଚିରାଫଟା ଥିବାରୁ ଧାନ ଭର୍ତ୍ତି କରିବାରେ ସମସ୍ୟା ଯୋଗୁଁ ଚାଷୀ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଶ୍ରୀନିବାସ ମିଶ୍ର ଓ ଡାଟାଏଣ୍ଟ୍ରି ଅପରେଟର ଅଙ୍କିତା ପ୍ରିୟଦର୍ଶିନୀ ସାହୁଙ୍କ ସହଯୋଗ କ୍ରମେ ଶୃଙ୍ଖଳିତ ଭାବରେ ଉଦ୍‌ଘାଟନ ଉତ୍ସବ ସମାପନ ହୋଇଥିଲା।

## ସଚେତନତା ଅଭାବ; ସୁବିଧା ସୁଯୋଗ ଜାଣିପାରୁ ନାହାନ୍ତି ଦିବ୍ୟାଙ୍ଗ

ପୁରୀ,୨୨।୧(ସମିସ): ଦିବ୍ୟାଙ୍ଗମାନଙ୍କ ପ୍ରତିଭାର ବିକାଶ ଘଟିଲେ ସେମାନେ ସମାଜ ପାଇଁ ସମ୍ବଳ ପାଲଟିବେ। କିନ୍ତୁ ସଚେତନତା ଅଭାବରୁ ଅନେକ ଦିବ୍ୟାଙ୍ଗ ବିବିଧ ସୁବିଧା ସୁଯୋଗ ସମ୍ପର୍କରେ ଅଜ୍ଞ ରହୁଛନ୍ତି। ସମସ୍ତଙ୍କୁ ସଚେତନ କରାଇ ତାହାର ସୁଫଳ ହାସଲ ପାଇଁ ଉଦ୍ୟମ ଉପରେ ଗୁରୁତ୍ୱ ଦେଇଛନ୍ତି ବକ୍ତା। ବୁଧବାର ୟୁଥ୍ ହଷ୍ଟେଲ ପରିସରରେ ଶ୍ରୀକ୍ଷେତ୍ର ଦିବ୍ୟାଙ୍ଗ ସେବା ସଂଗଠନ ଓ ଏନବେଲ୍ ଇଣ୍ଡିଆ ପକ୍ଷରୁ ହମାରି ବାଣୀ ଦିବ୍ୟାଙ୍ଗ କା ଆପନା ମଞ୍ଚ ନାମରେ ଏକ ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଦିବ୍ୟାଙ୍ଗମାନେ ସମାଜର ଏକ ଅଙ୍ଗ। ସେମାନଙ୍କ ମଧ୍ୟରେ ଦକ୍ଷତା ଓ ପ୍ରତିଭା ରହିଛି। ତାହାର ପରିପ୍ରକାଶ ହୋଇପାରିଲେ ସେମାନେ ସମାଜର ସମ୍ବଳ ପାଲଟିବେ ବୋଲି କହିଥିଲେ। ଶ୍ରୀକ୍ଷେତ୍ର ଦିବ୍ୟାଙ୍ଗ ସେବା ସଂଗଠନର ସଭାପତି ଗଜଲକ୍ଷ୍ମୀ ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦି ବେଲ୍ ଅଧ୍ୟକ୍ଷ ସିଦ୍ଧାର୍ଥ ରାୟ, କୃତିବାସ ଦାସ, ପ୍ରଶାନ୍ତ ନାୟକ ପ୍ରମୁଖ ଯୋଗଦେଇ ଦିବ୍ୟାଙ୍ଗଙ୍କ ଆବଶ୍ୟକତା, ସମସ୍ୟା ଓ ସମାଧାନ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଶିକ୍ଷକ ଏବଂ ମେଣ୍ଟର ଭାବେ ଏନବେଲ ଇଣ୍ଡିଆର ମୁଖ୍ୟ ତଥା ହୁଇଲ୍ ଚେୟାର କ୍ରୀଡ଼ାରେ ବିଶ୍ୱ ରେକର୍ଡଧାରୀ କମଳାକାନ୍ତ ନାୟକ ଓ ନରହରି ବେହେରା ନିଜ ଅଭିଜ୍ଞତା, ଅନୁଭବ ଓ ସଂଘର୍ଷ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ନିଜେ ଦିବ୍ୟାଙ୍ଗ ହେଲେ ମଧ୍ୟ ଦୃଢ଼ ମାନସିକତା ଓ ଆତ୍ମବିଶ୍ୱାସ ପାଇଁ ସେମାନେ କିପରି ସଫଳ ହୋଇ ପାରିଛନ୍ତି ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟ ଦିବ୍ୟାଙ୍ଗମାନେ ନିଜର ଦକ୍ଷତା ଓ ପ୍ରତିଭା ଆଧାରରେ ଆଗଭର ହେବାକୁ ସେମାନେ ଅନୁରୋଧ କରିଥିଲେ। ଏହି ଅବସରରେ ମାଷ୍ଟର ଟ୍ରେନରଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଦିବ୍ୟାଙ୍ଗମାନଙ୍କୁ ବିବିଧ ସହାୟତା ଉପକରଣ ପ୍ରଦାନ କରାଯାଇଥିଲା।

## ଖାନ୍ ଏକାଡେମୀ ଟିମ୍‌ର ଗଡ଼ସାନପୁଟ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ

କଣାସ,୨୨।୧(ସମିସ): ଓଡ଼ିଶା ବିଦ୍ୟାଳୟ ସ୍ତରରେ ଷଷ୍ଠରୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କର ଗଣିତ ଓ ବିଜ୍ଞାନ ଶିକ୍ଷାର ଉନ୍ନତି ପାଇଁ ଖାନ୍ ଏକାଡେମୀର ସହାୟତା ନିଆଯାଇଛି। ବାସ୍ତବରେ ଏହାର କାର୍ଯ୍ୟକାରିତାର ପର୍ଯ୍ୟବେକ୍ଷଣ ପାଇଁ ବୁଧବାର ଖାନ୍ ଏକାଡେମୀର କେନ୍ଦ୍ରୀୟ ଟିମ୍ କଣାସ ବ୍ଲକ୍ ଗଡ଼ସାନପୁଟ ଗ୍ରାମପଞ୍ଚାୟତରେ ସ୍ଥାପିତ ଗଡ଼ସାନପୁଟ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଜ କିଶୋର ଜେନାଙ୍କ ସମେତ ଶିକ୍ଷକଶିକ୍ଷୟିତ୍ରୀମାନେ ଉକ୍ତ ଏକାଡେମୀର କାର୍ଯ୍ୟକ୍ରମର କାର୍ଯ୍ୟକାରିତା ବିଷୟରେ କେନ୍ଦ୍ରୀୟ ଟିମ୍ ସହିତ ଆଲୋଚନା କରିଥିଲେ। ଖାନ୍ ଏକାଡେମୀର ଉଦ୍ଦେଶ୍ୟ ସମ୍ପର୍କରେ ଓ ୯୦୦ ଆରୋରା, ଅନ୍ନଭି ବସପଦା, ମନୋଜ ସାହୁ, ସାଗରିକା ମହାପାତ୍ର, ପୁରୀ ଜିଲ୍ଲା ପଞ୍ଚସଖା ଶିକ୍ଷାସେତୁ ସଂଯୋଜକ ସନ୍ତୋଷ କୁମାର ଚୌଧୁରୀ, ଏସ୍ଆର୍‌ଜି ପ୍ରଦୀପ କୁମାର ସ୍ୱାଇଁ ତଦାରଖ କରିଥିଲେ।

## ନିଶା ମୁକ୍ତି ଓ ଦିବ୍ୟ ଜୀବନଶୈଳୀ ପାଇଁ ଛାତ୍ରଛାତ୍ରୀଙ୍କ ସଂକଳ୍ପ

ସାକ୍ଷୀଗୋପାଳ,୨୨।୧(ସମିସ): ସତ୍ୟବାଦୀସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ବୁଧବାର ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଏକ ସ୍ୱତନ୍ତ୍ର ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୁସ୍ଥ ମାନସିକତା ଓ ନୈତିକ ମୂଲ୍ୟବୋଧ ଜାଗ୍ରତ କରିବା ଉଦ୍ଦେଶ୍ୟରେ "ନିଶା ମୁକ୍ତି' ଏବଂ "ଦିବ୍ୟ ଜୀବନଶୈଳୀ' ଶୀର୍ଷକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅତ୍ୟଧିକ ମୋବାଇଲ୍ ବ୍ୟବହାର ଦ୍ୱାରା ଏକାଗ୍ରତା ହ୍ରାସ ପାଇବା ସହ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଉପରେ ଏହାର କୁପ୍ରଭାବ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଯାଇଥିଲା। ଏହାସହ ନିଶାଦ୍ରବ୍ୟ ସେବନରୁ ଦୂରେଇ ରହି ଏକ ସୁସ୍ଥ ସମାଜ ଗଠନରେ ସହଯୋଗ କରିବାକୁ ପରାମର୍ଶ ଦିଆଯାଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷ ବିଶ୍ୱନାଥ ପାଢ଼ୀ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ ଶୃଙ୍ଖଳିତ ଜୀବନଶୈଳୀ ହିଁ ସଫଳତାର ଚାବିକାଠି। ନିଶା କେବଳ ଶରୀର ନୁହେଁ, ବରଂ ବୁଦ୍ଧି ଓ ଭବିଷ୍ୟତକୁ ନଷ୍ଟ କରିଦିଏ। ସମସ୍ତ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ନିଜ ଜୀବନକୁ ନିଶାମୁକ୍ତ ରଖିବା ସହ ସମାଜରୁ କୁସଂସ୍କାର ଦୂର କରିବା ପାଇଁ ସଂକଳ୍ପ ନେଇଥିଲେ।

## ସିପିଆଇର ପୁରୀ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ

ନିମାପଡ଼ା,୨୨।୧(ସମିସ): ବୁଧବାର ନିମାପଡ଼ା ଅମଲାପଡ଼ାଠାରେ ଥିବା ସିପିଆଇ ଦଳୀୟ କାର୍ଯ୍ୟାଳୟଠାରେ ଦଳର ପୁରୀ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଭିନ୍ନ ଦାବି ପୂରଣ ନେଇ ଆସନ୍ତା ଫେବୃଆରୀ ୧୨ରେ ଦଳ ପକ୍ଷରୁ ଦିଆଯାଇଥିବା ସର୍ବଭାରତୀୟ ଧର୍ମଘଟ ଡକରାକୁ କିଭଳି ସଫଳ କରାଯିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଦାବିଗୁଡ଼ିକ ମଧ୍ୟରେ ୪ଟି ଶ୍ରମ କୋଡ୍ ଆଇନ୍ ପ୍ରତ୍ୟାହାର, ସ୍ମାର୍ଟ ମିଟର ଲଗାଇବା ବନ୍ଦ କରିବା, କୃଷକମାନଙ୍କ କୃଷି ଋଣ ଛାଡ଼, ମଦ ବିକ୍ରିକୁ ନିଷେଧ କରିବା, ସମସ୍ତ ଚାଷୀଙ୍କଠାରୁ ମଣ୍ଡିରେ ଧାନ କ୍ରୟ କରିବା, ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ଡାକ୍ତର ପଦ ପୂରଣ କରିବା ଆଦି ଦାବି ଅନ୍ତର୍ଭୁକ୍ତ। ବରିଷ୍ଠ ସିପିଆଇ ନେତା ପ୍ରଦୀପ୍ତ ମହାନ୍ତି ସଭାପତିତ୍ୱ କରିଥିବାବେଳେ ପୁରୀ ଜିଲ୍ଲା ସମ୍ପାଦକ କୃଷ୍ଣଚନ୍ଦ୍ର ରାଉତ ବୈଠକର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବୈଠକରେ ବରିଷ୍ଠ ନେତା ବ୍ରଜବନ୍ଧୁ ପ୍ରଧାନ, ଗୋଲେଖ ନାୟକ, ନାରୀ ନେତ୍ରୀ ବିଦ୍ୟୁଲତା ପୃଷ୍ଟି, ସୁରେଶ ଚନ୍ଦ୍ର ବିଶ୍ୱାଳ, ହରିହର ସେନାପତି, ବ୍ରହ୍ମାନନ୍ଦ ଦାସ, ପ୍ରଫୁଲ୍ଲ ମହାପାତ୍ର, ଯୁବ ନେତା ସତ୍ୟ ମହାନ୍ତି, ସନ୍ତୋଷ ବେହେରା ପ୍ରମୁଖ ଦଳର ସଂଗଠନ ଅଭିବୃଦ୍ଧି ସମ୍ପର୍କରେ ଆଲୋଚନା କରିଥିଲେ।

### ଅଙ୍ଗନବାଡ଼ି କେନ୍ଦ୍ର ଓ ସ୍କୁଲରେ ଖାଦ୍ୟର ମାନ ପରଖିଲେ ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟ

## ନିମ୍ନମାନର ଖାଦ୍ୟ ବାଣ୍ଟିଲେ ହେବ ଦୃଢ଼ କାର୍ଯ୍ୟାନୁଷ୍ଠାନ

କାକଟପୁର,୨୨।୧(ସମିସ): ଅଙ୍ଗନବାଡ଼ି କେନ୍ଦ୍ରରେ କୋମଳମତି ଶିଶୁ ଓ ଗର୍ଭବତୀ ମହିଳା, ସ୍କୁଲମାନଙ୍କରେ ଦିଆଯାଉଥିବା ଖାଦ୍ୟର ଗୁଣବତ୍ତା ପରଖିଛନ୍ତି ରାଜ୍ୟ ଖାଦ୍ୟ ଆୟୋଗ। ବୁଧବାର ରାଜ୍ୟ ଖାଦ୍ୟ ଆୟୋଗର ସଦସ୍ୟ ପ୍ରିୟବ୍ରତ ସାମନ୍ତରାୟ ବୀରଭଦ୍ର ନୋଡାଲ ୟୁପି ସ୍କୁଲ ବାଙ୍ଗୁରିଗାଁ, ବାହାରପଦା, ବାଣିଆ, ଟିକରପଡ଼ା, ଅଙ୍ଗନବାଡ଼ି କେନ୍ଦ୍ର, ବାଣିଆ ପ୍ରାଥମିକ ବିଦ୍ୟାଳୟ, ଗଣିପୁର ପ୍ରୋଜେକ୍ଟ ୟୁପି ସ୍କୁଲ, ଓଥକା ୟୁଜିୟୁପି ସ୍କୁଲ ସମେତ ମା' ଭବାନୀ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପରିଚାଳିତ ଛତୁଆ କେନ୍ଦ୍ର ଅଚାନକ ପରିଦର୍ଶନ କରି ଖାଦ୍ୟର ମାନ ଓ ବଣ୍ଟନ ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ପରିଦର୍ଶନର ମୁଖ୍ୟ ଦିଗ ଥିଲା ଖାଦ୍ୟର ଗୁଣବତ୍ତା କେନ୍ଦ୍ରରେ ରନ୍ଧାଯାଉଥିବା ଖାଦ୍ୟ ସ୍ୱାସ୍ଥ୍ୟପ୍ରଦ କି ନୁହେଁ ଏବଂ ଏଥିରେ ସଠିକ୍ ପରିମାଣର ପୋଷକ ତତ୍ତ୍ୱ ରହୁଛି କି ନାହିଁ, ସେ ନେଇ ସଦସ୍ୟ ନିଜେ ଯାଞ୍ଚ



କରିଥିଲେ। ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଇ ରୋଷେଇଶାଳାର ପରିବେଶ ଏବଂ ଖାଦ୍ୟ ସଂରକ୍ଷଣ ବ୍ୟବସ୍ଥାକୁ ଅନୁଧ୍ୟାନ କରି ସ୍ୱଚ୍ଛତା ବଜାୟ ରଖିବାକୁ ନିର୍ଦ୍ଦେଶ ଦେଇଛନନ୍ତି। କେନ୍ଦ୍ରକୁ ଆସୁଥିବା ଶିଶୁଙ୍କ ଅଭିଭାବକ ଓ ମହିଳାମାନଙ୍କ ସହ ଆଲୋଚନା କରି ସେମାନେ ନିୟମିତ ଓ ସଠିକ୍ ପରିମାଣର ଖାଦ୍ୟ ପାଉଛନ୍ତି କି ନାହିଁ, ସେ ନେଇ ପଚାରି ବୁଝିଥିଲେ। ପରିଦର୍ଶନ ପରେ ଶ୍ରୀ ସାମନ୍ତରାୟ କହିଛନ୍ତି ଯେ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ କୌଣସି ପ୍ରକାର ଅବହେଳାକୁ ସହ୍ୟ କରାଯିବ ନାହିଁ। ଯଦି କୌଣସି ସ୍ଥାନରେ ନିମ୍ନମାନର ଖାଦ୍ୟ କିମ୍ବା ବଣ୍ଟନରେ ଅନିୟମିତତା ଦେଖାଯାଏ, ତେବେ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସୂଚନା ଥାଉକି, ଗତ କିଛିଦିନ ତଳେ ବିଭିନ୍ନ ଗଣମାଧ୍ୟମରେ ଫଟୋ ସହ ଟେକ୍ ହୋମ୍ ରାସନର ମାନ, ମାପରେ ବ୍ୟାପକ ଅନିୟମିତତା ହୋଇଥିବା ଖବର ପ୍ରସାରିତ ହୋଇଥିଲା।

## ଉଦ୍ଦାଳକ ଆଶ୍ରମରେ ବିଶ୍ୱଶାନ୍ତି ମହାଯଜ୍ଞ

ସାକ୍ଷୀଗୋପାଳ,୨୨।୧(ସମିସ): ସନାତନ ଧର୍ମକୁ ଉଜ୍ଜୀବିତ ଓ ଜଗତ ମଙ୍ଗଳ ଉଦ୍ଦେଶ୍ୟରେ ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ଅଳଗୁମ ପଞ୍ଚାୟତ ଅଧୀନ ଜିପୁର ଉଦ୍ଦାଳକ ଆଶ୍ରମ ପରିସରରେ ସାଧୁସନ୍ଥ ଗହଣରେ ଦୀର୍ଘ ୪ଦିନ ବ୍ୟାପୀ ନାମ ସଙ୍କୀର୍ତ୍ତନ ସହ ୪୨ତମ ବିଶ୍ୱଶାନ୍ତି ମହାଯଜ୍ଞ ଗୁରୁବାର ପୂର୍ଣ୍ଣାହୁତି ଦିଆଯାଇଛି। କାର୍ଯ୍ୟକ୍ରମରେ ଶ୍ରୀଧାମ ବୃନ୍ଦାବନ ସୁଦାମା କୋଟି ଶ୍ରୀଶ୍ରୀ ହଜାର ଆଠ ଅମର ଦାସଜୀ ମହାରଜଙ୍କ କୃପାପାତ୍ର ଦୀପକ ଦାସ, ଉଦ୍ଦାଳକ ଆଶ୍ରମର ଶ୍ରୀଶ୍ରୀ ଅକ୍ଷୟା ନନ୍ଦ ସତ୍ୟଶିବ ସରସ୍ୱତୀ ମହାରାଜ, ଯଜ୍ଞ ଜାଗରଣ ମଞ୍ଚର ସଭାପତି ବିଶ୍ୱଜିତ୍ ଶତପଥୀ, ଅନୁଷ୍ଠାନର ସଞ୍ଚାଳକ ହୃଷୀକେଶ ମିଶ୍ର, କାର୍ଯ୍ୟଗ୍ରାହୀ କୃଷ୍ଣ ମୋହନ ମହାନ୍ତି, ଗଗନ ପ୍ରଧାନ, ସୀତକଣ୍ଠ ସିଂହଦେଓ ଜୀପୁର ଓ ଅଳଗୁମ୍ ଗ୍ରାମର ବୁଦ୍ଧିଜୀବୀ, ଶ୍ରଦ୍ଧାଳୁ ଭକ୍ତ ମଣ୍ଡଳୀ ଉପସ୍ଥିତ ଥିଲେ। ଯଜ୍ଞର ପୂର୍ଣ୍ଣାହୁତି ଜଗତ ମଙ୍ଗଳ କାର୍ଯ୍ୟକ୍ରମ ହରିବୋଲ ହୁଳହୁଳି ମଧ୍ୟରେ ସମାପନ ହୋଇଥିଲା। ଏହି ଅବସରରେ ଉପସ୍ଥିତ ଅତିଥିମାନେ ଶ୍ରଦ୍ଧାଳୁ ଓ ଭକ୍ତମାନଙ୍କୁ ସମ୍ମାନିତ କରାଯାଇଥିଲା। ବରିଷ୍ଠ ନାଗରିକମାନଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ଏହି ଯଜ୍ଞରେ ପଣ୍ଡିତ ଭାବରେ ଶିବ ପ୍ରସାଦ ରଥ, ସୁବାସ ରଥ, ଶ୍ରୀବତ୍ସ ରଥ, ଦିଗମ୍ବର ମହାପାତ୍ର ଓ ରମେଶ ଚନ୍ଦ୍ର ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇଥିଲେ।

## ସହିଦ ବେଙ୍ଗପାଣିଆଙ୍କ ସ୍ମୃତି ଦିବସ ପାଳିତ



ପୁରୀ,୨୨।୧(ସମିସ): ସହିଦ ବେଙ୍ଗପାଣିଆ ସ୍ମୃତି କମିଟି ଏବଂ ଆପଣଙ୍କ ସେବାରେ ଅନୁଷ୍ଠାନ ତରଫରୁ ପୁରୀ ଲୋକନାଥ ରୋଡ୍‌ସ୍ଥିତ ଗଦାଧର ସ୍କୁଲ ପରିସରରେ ଶ୍ରୀମନ୍ଦିର ସେବାୟତ ସହିଦ ବେଙ୍ଗପାଣିଆ ଓରଫ ହରିହର ପଣ୍ଡାଙ୍କ ୭୦ତମ ସ୍ମୃତି ଦିବସ ପାଳିତ ହୋଇଯାଇଛି। ସ୍ମୃତି ସମିତି ସଭାପତି ଦାମୋଦର ଦାଶଙ୍କ ନେତୃତ୍ୱରେ ବିଦ୍ୟାଳୟ ପରିସରରେ ଥିବା ସହିଦ ବେଙ୍ଗପାଣିଆଙ୍କ ସ୍ମୃତିସ୍ତମ୍ଭରେ ମୁଖ୍ୟଅତିଥି ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ମାଲ୍ୟାର୍ପଣ ଓ ଦୀପଦାନ କରି ତାଙ୍କର ସ୍ମୃତିଚାରଣ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାମଚନ୍ଦ୍ର ମିଶ୍ର, ଶିକ୍ଷାବିତ୍ ନାରାୟଣ ଦାଶ, ବିଜେପି ଶରଧାବାଲି ମଣ୍ଡଳ ସଭାପତି ବିରଞ୍ଚି ନାରାୟଣ ମିଶ୍ର, କବୟିତ୍ରୀ ମଞ୍ଜୁଳା ଦେବୀ, ଉତ୍କଳ ବିଦ୍ୱତ୍ ପରିଷଦର ସଭାପତି ମନୋଜ କୁମାର ରଥ, ଆପଣଙ୍କ ସେବାରେ ଅନୁଷ୍ଠାନର ରାଜ୍ୟ ମୁଖପାତ୍ର ଜଗଦିଶ ପ୍ରଧାନ, ସଭାପତି ବିଜୟକୃଷ୍ଣ ବ୍ରହ୍ମା, ବରିଷ୍ଠ ଶିକ୍ଷୟିତ୍ରୀ ଯମୁନା ପୂଜାପଣ୍ଡା, ଆଇନଜୀବୀ ସ୍ମୃତିରଞ୍ଜନ ପତି, ସ୍ମୃତି ସଂସଦର ସମ୍ପାଦିକା ମଧୁମତି ଦାଶ, ବେଙ୍ଗପାଣିଆଙ୍କ ନାତି ଗୋବିନ୍ଦ ପଣ୍ଡା, କୃଷ୍ଣ ଚନ୍ଦ୍ର ପଣ୍ଡା ପ୍ରମୁଖ ସହିଦଙ୍କ ସ୍ମୃତିଚାରଣ କରି କହିଥିଲେ ଯେ, ଓଡ଼ିଶାର ଅବିଚ୍ଛେଦ୍ୟ ଅଙ୍ଗ ଷଡ଼େଇକଳା ଖରସୁଆଁ ସୀମା ଆନ୍ଦୋଳନରେ ସାମିଲ୍ ହୋଇ ପୁରୀ ରେଳ ଷ୍ଟେସନଠାରେ ବେଙ୍ଗପାଣିଆ ପୁଲିସ ଗୁଳିରେ ସହିଦ ହୋଇଥିଲେ। ଆଜିର ଦିବସ ମାଧ୍ୟମରେ ନିଜର ଜନ୍ମ ମାଟି ପାଇଁ ସହିଦ ହୋଇଥିବା ବେଙ୍ଗପାଣିଆଙ୍କ ତ୍ୟାଗକୁ ଛାତ୍ର ଏବଂ ଯୁବ ସମାଜ ଆଦର୍ଶ ଭାବେ ଗ୍ରହଣ କରିବା ପାଇଁ ଅତିଥିମାନେ ମତପୋଷଣ କରିଥିଲେ। ସମିତି କୋଷାଧ୍ୟକ୍ଷା ତଥା ଶିକ୍ଷୟିତ୍ରୀ ମୀରାରାଣୀ ଦେବୀ ଏବଂ ସାମ୍ବାଦିକ ବିଷ୍ଣୁ ଦତ୍ତ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଚକ୍ରପଡ଼ା ଓ କେନ୍ଦ୍ରାପଟିରେ ଖୋଲିଲା ଧାନ ମଣ୍ଡି

## ୧୫ ଚାଷୀଙ୍କଠାରୁ ୭୮୭ କ୍ୱିଣ୍ଟାଲ ଧାନ କ୍ରୟ

### ଗୁରୁବାର ଯୋଗୁଁ ଚକ୍ରପଡ଼ାରେ ଧାନ ଦେଲେନି ଚାଷୀ



ଅସ୍ତରଙ୍ଗ,୨୨।୧(ସମିସ): ଅସ୍ତରଙ୍ଗ ବ୍ଲକ୍‌ର କେନ୍ଦ୍ରାପାଟି ଓ ଚକ୍ରପଡ଼ା ସମବାୟ ସମିତିରେ ଗୁରୁବାର ଖୋଲିଛି ଧାନ ମଣ୍ଡି। ଏହି ଅବସରରେ କେନ୍ଦ୍ରାପାଟି ଧାନ ମଣ୍ଡିରେ ମୁଖ୍ୟ ଅତିଥି ଭାବେ ଅସ୍ତରଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷା ଆରତୀ ନାୟକ, ଉପାଧ୍ୟକ୍ଷ ଦୁର୍ଯ୍ୟୋଧନ ମିଶ୍ର ଓ ବିଡିଓ ସସ୍ମିତା ବେହେରା ଯୋଗଦେଇ ପୂଜାର୍ଚ୍ଚନା ପରେ ଧାନ ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ଦଲାଲଙ୍କ କଥାରେ ଭ୍ରମିତ ନ ହୋଇ ପଞ୍ଜିକୃତ ଚାଷୀମାନେ ମଣ୍ଡିରେ ବିକ୍ରିକରି ଧାନର ସରକାରୀ ସ୍ଥିରୀକୃତ ପ୍ରକୃତ ମୂଲ୍ୟ ଓ ପ୍ରୋତ୍ସାହନ ରାଶି ପାଇବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ମଣ୍ଡି ଖୋଲିବା ପରେ ପ୍ରଥମ ଦିନରେ ୧୫ ଜଣ ଚାଷୀଙ୍କଠାରୁ ୭୮୭ କ୍ୱିଣ୍ଟାଲ ଧାନ କିଣା ହୋଇଥିଲା। କେନ୍ଦ୍ରାପାଟିରେ ଧାନ ମଣ୍ଡି ଉଦ୍‌ଘାଟନବେଳେ ସିଓ ଅସିତ୍ ସାହୁ, ବ୍ଲକ୍ ଯୋଗାଣ ଅଧିକାରୀ ସୂର୍ଯ୍ୟକାନ୍ତ ବେହେରା, ବ୍ଲକ୍ ଅଧୀନ ସମବାୟ ସମିତି ପରିଚାଳନା ନିର୍ଦ୍ଦେଶକ କୁଞ୍ଜ ବିହାରୀ ପ୍ରଧାନ, ଧାନର ଗୁଣାତ୍ମକ ମାନ ପରଖିବା ପାଇଁ ଅସ୍ତରଙ୍ଗ ଦାୟିତ୍ୱରେ ଥିବା ଅଭିଷେକ ପଟ୍ଟନାୟକ, କେନ୍ଦ୍ରାପାଟି ପଞ୍ଚାୟତ ସମବାୟ ସମିତି ସଭାପତି ଅଶ୍ୱିନୀ ରାଉତ, ସମ୍ପାଦକ ରାମକୃଷ୍ଣ ମହାନ୍ତି, ପଞ୍ଚାୟତ ସମ୍ପାଦକ ଦାଶରଥୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଚକ୍ରପଡ଼ାରେ ସଭାପତି ଲକ୍ଷ୍ମୀଧର ସ୍ୱାଇଁ, ଏଇଓ ଅସିତ୍ କୁମାର ସାହୁ, ଆର୍‌ଏମ୍‌ସି କର୍ମଚାରୀ, ଚାଷୀ ଶିବାଜୀ ସ୍ୱାଇଁ, ହରିବନ୍ଧୁ ସ୍ୱାଇଁ, ସୁନାକର ବିଶ୍ୱାଳ, ଅଧୀର ନାୟକଙ୍କ ଉପସ୍ଥିତିରେ ଧାନ ମଣ୍ଡି ଖୋଲିଥିଲେ ମଧ୍ୟ ଗୁରୁବାର ଥିବାରୁ ଚାଷୀମାନେ ଧାନ ଦେବାକୁ ଅନିଚ୍ଛା ପ୍ରକାଶ କରିଥିଲେ। ତେଣୁ ଶୁକ୍ରବାରଠାରୁ ଧାନ ସଂଗ୍ରହ ହେବ ବୋଲି ସମ୍ପାଦକ ପବିତ୍ର କୁମାର ରାଉତ ସୂଚନା ଦେଇଛନ୍ତି।



# କଟ୍‌ନୀ ଛଟ୍‌ନୀକୁ ଜୋରଦାର ବିରୋଧ

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରିଲା ନବନିର୍ମାଣ କୃଷକ ସଂଗଠନ

ନୟାଗଡ଼,୨୨ ।୧(ସମିସ)



ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଗୁରୁବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବା ସହ କଟଣି ଛଟଣିକୁ ଜୋରଦାର ବିରୋଧ କରାଯାଇଛି । ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାରଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ରାଜ୍ୟ ସଭାପତି ଶେଷଦେବ ନନ୍ଦ, ରାଜ୍ୟ ଉପସଭାପତି ରଶ୍ମିରଞ୍ଜନ ସ୍ୱାଇଁ, ରାଜ୍ୟ ଯୁବ ଓ ଛାତ୍ର ସଭାପତି ମନୋହର ଅଲ୍ଲୀ, ଖୋର୍ଦ୍ଧା ଜିଲ୍ଲା ସଭାପତି ଜୟନ୍ତ ତ୍ରିପାଠୀ, ବୌଦ୍ଧ ଜିଲ୍ଲା ସଂଯୋଜକ ହୃଷୀକେଶ ପ୍ରଧାନ, ନୟାଗଡ଼ ପ୍ରଭାରୀ ଆଶିଷ କୁମାର ବେହେରା, ଖୋର୍ଦ୍ଧା ପ୍ରଭାରୀ ମଦନ ମୋନହ ସାହୁ ପ୍ରମୁଖ ସାମିଲ ହୋଇଥିଲେ । ସହର ଉପକଣ୍ଠ ଦୁର୍ଗାପ୍ରସାଦଠାରୁ ବିଶାଳ ଶୋଭାଯାତ୍ରା ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚିଥିଲା । ଶୋଭାଯାତ୍ରାରେ ଶତାଧିକ ଚାଷୀ ସାମିଲ ହୋଇଥିଲେ । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ମିଲରଙ୍କ ମନମାନୀ, ପ୍ରଶାସନର ନିରବ ନୀତିକୁ ଜୋରଦାର ବିରୋଧ କରାଯାଇଥିଲା । ଚାଷୀମାନେ ଶୁଖିଲା ଓ ଭଲ ଧାନ ଅମଳ କରିଥିବା ବେଳେ କାହିଁକି କଟଣି ଛଟଣି କରାଯାଉଛି ବୋଲି ପ୍ରଶ୍ନ କରିଥିଲେ । ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ତାଙ୍କ ବକ୍ତବ୍ୟରେ କୃଷିପ୍ରଧାନ ଦେଶ ଓ କୃଷିପ୍ରଧାନ ରାଜ୍ୟରେ ଚାଷୀଙ୍କୁ ଅମଳ ଧାନ ବିକିବାକୁ ସଂଘର୍ଷ କରିବାକୁ ପଡୁଥିବା କହି ସରକାରଙ୍କ ନୀତିକୁ ଜୋରଦାର ବିରୋଧ କରିଥିଲେ । ନୟାଗଡ଼ ଜିଲ୍ଲା ପ୍ରଶାସନ ଓ ରାଜନେତାମାନେ ମିଲରଙ୍କ ସହ ଭିତିରିଆ ବୁଝାମଣା କରି ଚାଷୀଙ୍କୁ ଶୋଷଣ କରୁଛନ୍ତି ବୋଲି ଅଭିଯୋଗ କରିଥିଲେ । ନୟାଗଡ଼ ଜିଲ୍ଲାରେ ମାତ୍ରାଧିକ କଟଣି ଛଟଣି କରାଯାଉଛି । କ୍ୱିଣ୍ଟାଲ ପିଛା ୭ କେଜିରୁ ଊର୍ଦ୍ଧ୍ୱ କଟଣି ହେଉଥିବା ନେଇ ସିଧାସଳଖ ସରକାରଙ୍କୁ ଟାର୍ଗେଟ କରି ଚାଷୀନେତାମାନେ ବକ୍ତବ୍ୟ ରଖିଥିଲେ । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଜୋରଦାର ବିକ୍ଷୋଭ ପଦର୍ଶନ କରାଯାଇଥିଲା । ଦୀର୍ଘ ଦେଢ଼ ଘଣ୍ଟା ଧରି ଚାଷୀ ନେତାମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପଦର୍ଶନ କରିଥିଲେ । ଜିଲ୍ଲାପାଳ ମଧୁମିତା ରଥ ଆନ୍ଦୋଳନ ସ୍ଥଳକୁ ଆସି ଚାଷୀନେତାଙ୍କଠାରୁ ଦାବିପତ୍ର ଗ୍ରହଣ କରିବା ସହ କଟଣି ଛଟଣି କରାଯିବ ନାହିଁ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହା ସହିତ ଚାଷୀ ଓ ମିଲରଙ୍କ ମଧ୍ୟ ଏକ ବୈଠକ କରାଯିବାକୁ କହିଥିଲେ । ଆନ୍ଦୋଳନରେ ନୟାଗଡ଼ ଜିଲ୍ଲା ସଭାପତି ରଣଜିତ ଦଳବେହେରା, ପୂର୍ବତନ ସଭାପତି ବାସୁଦେବ ସାହୁ, ଜିଲ୍ଲା ସଂଯୋଜକ ପ୍ରସନ୍ନ ପ୍ରଧାନ, ମହେଶ୍ୱର ଜେନା, ଓଡ଼ଗାଁ ସଂଯୋଜକ ବାଇନାଥ ସାହୁ, ଭାପୁର ସଂଯୋଜକ ଅଭିମନ୍ୟୁ ଗୁମାନସିଂ, ଭାଗବତ ପରିଡ଼ା, ରଣପୁର ସଂଯୋଜକ ଅଜୟ ମହାନ୍ତ, ରମେଶ ପଣ୍ଡା, ଶିଶିର କୁମାର ଭଞ୍ଜା, ଗୋବିନ୍ଦ କହଁଲସିଂ, କାଳୁଚରଣ ଦଳବେହେରା, ବାମଦେବ ମନ୍ଥନ, ରଘୁନାଥ ନାୟକ, ରବୀନ୍ଦ୍ର ବରାଡ଼, କୁଳମଣି ହାତୀ ପ୍ରମୁଖ ସାମିଲ ହୋଇଥିଲେ । କଟଣି ଛଟଣି ବନ୍ଦ ନ ହେଲେ ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ କରିବାକୁ ଚେତାବନୀ ଦିଆଯାଇଛି ।

## ବାଣଫୁଟି ଛାତ୍ର ଗୁରୁତର

**ନୟାଗଡ଼,୨୨ ।୧(ସମିସ):** ରାସ୍ତା କଡ଼ରେ ପଡିଥିବା ବାଣ ଗୋଟାଇବା ବେଳେ ଫୁଟିଯିବାରୁ ଜଣେ ଦଶମ ଶ୍ରେଣୀ ଛାତ୍ର ଗୁରୁତର ଆହତ ହୋଇଛନ୍ତି । ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ଗୁମି ଗାଁରେ ଏଭଳି ଅଭାବନୀୟ ଘଟଣା ଘଟିଛି । ଆହତ ଛାତ୍ର ଜଣକ ଗୁମି ଗାଁର ବୃନ୍ଦାବନ ନିଶଙ୍କଙ୍କ ପୁଅ ଡାକ । ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି । ଡାକ କାପ୍ତାପଲ୍ଲି ବିଦ୍ୟାଳୟରେ ପାଠ ପଢ଼ନ୍ତି । ଗୁରୁବାର ସେ ସ୍କୁଲରୁ ଫେରିବା ପରେ ଘରେ ବ୍ୟାଗ୍ ରଖି କୋଳି ଖାଇବାକୁ ବାହାରକୁ ଯାଇଥିଲେ । ଘରଠାରୁ ପ୍ରାୟ ୧ କିମି ଦୂର କାମ୍ପେଲା ରାସ୍ତାରେ ଥିବା ଏକ ବ୍ରିଜ୍ କଡ଼ରେ ସୁତୁଲି ଗୁଡ଼ା ହୋଇଥିବା କିଛି ଜିନିଷ ପଡ଼ିଥିବା ଦେଖି ଡାକ ତାକୁ ଉଠାଇବା ସମୟରେ ତାହା ହଠାତ୍ ଫୁଟିଯାଇଥିଲା । ଫଳରେ ଡାକଙ୍କ ଦୁଇହାତ, ମୁହଁ ଏବଂ ଜଙ୍ଘରେ ଗଭୀର ଆଘାତ ଲାଗିଛି । ରାସ୍ତାରେ ଯାଉଥିବା ଲୋକମାନେ ଏହା ଦେଖି ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ । ପରିବାର ଲୋକେ ତାଙ୍କୁ ହସ୍ପିଟାଲ ନେଇଥିଲେ । ତେବେ ରାସ୍ତାକଡ଼ରେ ବାଣ କେଉଁଠୁ ଆସିଲା ତାକୁ ନେଇ ପ୍ରଶ୍ନ ଉଠୁଥିବାବେଳେ ବାରହା ଶିକାର ପାଇଁ କେହି ବାଣ ରଖିଥିବା ଚର୍ଚ୍ଚା ହେଉଛି ।

## ବରିଷ୍ଠ ଆଇନଜୀବୀଙ୍କ ପରଲୋକ

**ଖଣ୍ଡପଡ଼ା,୨୨ ।୧(ସମିସ):** ଖଣ୍ଡପଡ଼ା ସହରାଞ୍ଚଳ ୬ନଂ ୱାର୍ଡ ବାସିନ୍ଦା ତଥା ବରିଷ୍ଠ ଆଇନଜୀବୀ ବାସୁଦେବ ରଥଙ୍କ ପରଲୋକ ହୋଇଛି । କିଛିଦିନ ହେବ ଅସୁସ୍ଥ ଥିବା ସ୍ୱର୍ଗତ ରଥଙ୍କର ଗୁରୁବାର ଅପରାହ୍ନରେ ଦେହାନ୍ତ ହୋଇଥିବା ପରିବାର ସୂତ୍ରରୁ ସୂଚନା ମିଳିଛି । ଖବରପାଇ ବରିଷ୍ଠ ଆଇନଜୀବୀ ମାଧବପ୍ରସାଦ ମିଶ୍ର, ବାର ଆସୋସିଏସନ ସଭାପତି ସଂଗ୍ରାମ ମିଶ୍ରଙ୍କ ସମେତ ବହୁ ବ୍ୟକ୍ତି ଶୋକବ୍ୟକ୍ତ କରିବା ସହ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ । ସହରାଞ୍ଚଳ ଅଧୀନ ମା' ଉମାଦେବୀ ଶ୍ମଶାନରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି । ଏକମାତ୍ର ପୁଅ ଶିବପ୍ରସାଦ ରଥ ମୁଖାଗ୍ନି ଦେଇଥିଲେ ।

## ଶିଖରପୁର ଧାନମଣ୍ଡି ଉଦ୍‌ଘାଟିତ



**ଖଣ୍ଡପଡ଼ା,୨୨ ।୧(ସମିସ):** ଖଣ୍ଡପଡ଼ା ବ୍ଲକ ଅଧୀନ ଶିଖରପୁର ସେବା ସମବାୟ ସମିତିରେ ଗୁରୁବାର ଧାନମଣ୍ଡି ଉଦଘାଟିତ ହୋଇଥିବା ଜଣାପଡିଛି । ସେବା ସମବାୟ ସମିତି ସମ୍ପାଦିକା ରାଜଲକ୍ଷ୍ମୀ ସ୍ୱାଇଁଙ୍କ ସଂଯୋଜନାରେ ପାରମ୍ପରିକ ପୂଜାର୍ଚ୍ଚନା ପରେ ଧାନମଣ୍ଡି ଖୋଲିଥିବା ବେଳେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଅନ୍?ଷୋ ସାହୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ସେହିପରି ଧାନ କିଣିବା ନିମନ୍ତେ ଶରଣକୁଳ ବଜରଙ୍ଗୀ ରାଇସ ମିଲର ଚୁକ୍ତି କରିଥିବା ନେଇ ସୂଚନା ମିଳିଛି । ଉକ୍ତ ସମବାୟ ସମିତି ଅଧୀନରେ ଶିଖରପୁର ଏବଂ ଯୋଗିଆପଲ୍ଲୀ ପଞ୍ଚାୟତର ୩୮୮ ଜଣ ଚାଷୀ ପଞ୍ଜିକୃତ ହୋଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଡିଇଓ ମୁରଲୀ ଧର ମୁଦୁଲି ଉପସ୍ଥିତ ରହିଥିଲେ । ସେହିପରି ପଞ୍ଜିକୃତ ହୋଇଥିବା ଶତାଧିକ ଚାଷୀ ଉପସ୍ଥିତ ରହି ଧାନ କ୍ରୟ ସଂପର୍କରେ ମିଲରଙ୍କ ସହିତ ଆଲୋଚନା କରିଥିଲେ ।

## ବିଦ୍ୟାଳୟସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ



**ଖଣ୍ଡପଡ଼ା,୨୨ ।୧(ସମିସ):** ଖଣ୍ଡପଡ଼ା ସହରାଞ୍ଚଳ ଅଧିନ ପିଏମଶ୍ରୀ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟ ସ୍ତରୀୟ ପିଏମଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ, ବିଡିଓ ଅଙ୍କୁର ଅଭିଳାଷ, ବିଇଓ କୈଳାଶ ଚନ୍ଦ୍ର କର, ସାଂସଦଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆର ସିଂ, ତିରୁପତି ସଂସ୍କୃତ ବିଶ୍ୱ ବିଦ୍ୟାଳୟ ପ୍ରଫେସର ଭାରତ ଭୂଷଣ ରଥ, ଅତିରିକ୍ତ ଶିକ୍ଷାଧିକାରୀ ନାରାୟଣ ଦାଶ, ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଲିପ୍ସା ନନ୍ଦ, ପଞ୍ଚସଖା ଶିକ୍ଷା ସେତୁ ସଂଗଠନ ସଭାପତି କାଶୀନାଥ ଦାସ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରୋଜାଲିନ ପରମଗୁରୁ ପ୍ରମୁଖ ମଞ୍ଚାସିନ ଥିଲେ । ଅତିଥିଙ୍କୁ ବିଦ୍ୟାଳୟ ତରଫରୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଶିକ୍ଷାର ବିକାଶ ପାଇଁ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସଂପର୍କରେ ଅତିଥିମାନେ ବକ୍ତବ୍ୟ ରଖିଥିଲେ । ବିଦ୍ୟାଳୟ ତରଫରୁ ଟ୍ୟାଲେଣ୍ଟ ଗ୍ୟାଲେରୀ, ଖାଦ୍ୟ ମେଳା, ଆକାଂକ୍ଷା ମେଳା ଆଦି ଅତିଥିମାନେ ଉଦଘାଟନ କରିଥିଲେ । ଛାତ୍ରଛାତ୍ରୀମାନେ ବିଭିନ୍ନ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତି କରିଥିଲେ । ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ।

## ରବୀନ୍ଦ୍ର ପଟ୍ଟନାୟକ ପାଇବେ 'ସାମ୍ବାଦିକ ଗୌରବ' ସମ୍ମାନ

**ନୟାଗଡ଼/ଭାପୁର,୨୨ ।୧(ସମିସ):** ନୟାଗଡ଼ ଜିଲ୍ଲାର ସୁନାମଧନ୍ୟ ସାମ୍ବାଦିକ ରବୀନ୍ଦ୍ର କୁମାର ପଟ୍ଟନାୟକ ଏ ବର୍ଷ ରାଜ୍ୟର ଏକମାତ୍ର ବ୍ୟକ୍ତି ଭାବେ ସମ୍ମାନସ୍ପଦ 'ସାମ୍ବାଦିକ ଗୌରବ' ସମ୍ମାନ ପାଇବେ । ରାଧାନାଥ ରଥ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଏହି ସମ୍ମାନ ଫେବୃଆରୀ ୧ ତାରିଖ କଟକ ଶ୍ରୀରାମ ଚନ୍ଦ୍ର ଭବନରେ ପ୍ରଦାନ କରାଯିବ । ଏଭଳି ସମ୍ମାନ ଖାଲି ନୟାଗଡ଼ ନୁହେଁ ରାଜ୍ୟର କିଛି ହାତଗଣତି ସାମ୍ବାଦିକ ପାଇଛନ୍ତି । ରବୀନ୍ଦ୍ର ଦୀର୍ଘ ୪୬ ବର୍ଷ ଧରି ସାମ୍ବାଦିକ ଭାବେ "ସମାଜ'ର ବ୍ଲକ ଓ ଜିଲ୍ଲା ପ୍ରତିନିଧି ଭାବେ ଓ ଆକାଶବାଣୀ ଏବଂ ଦୂରଦର୍ଶନର ଜିଲ୍ଲା ପ୍ରତିନିଧି ଭାବେ କାର୍ଯ୍ୟ କରି ସ୍ୱତନ୍ତ୍ର ସମ୍ମାନର ଅଧିକାରୀ ହୋଇଛନ୍ତି ।



ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଖଇରଗାଡ଼ିଆ ଗ୍ରାମର ଶିକ୍ଷକ କିଶୋର ଚନ୍ଦ୍ର ପଟ୍ଟନାୟକ ଓ ଲକ୍ଷ୍ମୀପ୍ରିୟା ପଟ୍ଟନାୟକଙ୍କ ତୃତୀୟ ପୁଅ ରବୀନ୍ଦ୍ର ୧୯୫୮ ଏପ୍ରିଲ ୨ରେ ଜନ୍ମଗ୍ରହଣ କରିଥିଲେ । ଗୋଳାପୋଖରୀ ହାଇସ୍କୁଲରୁ ମାଟ୍ରିକ ପାସ ପରେ ବଡ଼ମ୍ବା ମୋହନ ସୁବୁଦ୍ଧି ମହାବିଦ୍ୟାଳୟରୁ ଆଇଏ ଓ ଖୋର୍ଦ୍ଧା ପ୍ରାଣନାଥ ମହାବିଦ୍ୟାଳୟରୁ ବିଏ ପାସ କରିଥିଲେ । ପରେ ଭୁବନେଶ୍ୱରରେ ଭାରତୀୟ ବିଦ୍ୟାଭବନରୁ ସାମ୍ବାଦିକତାରେ ଡିପ୍ଲୋମା କରିଥିଲେ । ଏହାପରେ ସେ ପ୍ରଗତିବାଦୀ ଖବରକାଗଜରେ ସହସମ୍ପାଦକ ଓ ଇଂରାଜୀ ଏମପି କ୍ରନିକାଲ ଖବରକାଗଜର ଭୁବନେଶ୍ୱର ପ୍ରତିନିଧି ଭାବେ କାର୍ଯ୍ୟ କରି ସାମ୍ବାଦିକତା ଜୀବନ ଆରମ୍ଭ କରିଥିଲେ । ପରେ ମାଟି ମା'ର ମହକ ତାଙ୍କୁ ଜନ୍ମମାଟିକୁ ଟାଣି ଆଣିଲା । ପ୍ରଥମେ ସମାଜର ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀ ପ୍ରତିନିଧି ଓ ପରେ ନୟାଗଡ଼ ଜିଲ୍ଲା ପ୍ରତିନିଧି ଭାବେ କାର୍ଯ୍ୟ କରି ଜିଲ୍ଲା ଓ ରାଜ୍ୟରେ ଚର୍ଚ୍ଚିତ ହୋଇଥିଲେ । ସେ ଜଣେ ନିରପେକ୍ଷ, ସଚ୍ଚୋଟ ସାମ୍ବାଦିକ ଭାବେ ସୁନାମ ଅର୍ଜନ କରିଥିଲେ । ପୂର୍ବରୁ ସେ ତିନିଥର ଶ୍ରେଷ୍ଠ ସାମ୍ବାଦିକ ଭାବେ ସମ୍ମାନିତ ହୋଇଛନ୍ତି । ୨୦୦୦ ମସିହାରେ ଓ ଜୀବନବ୍ୟାପୀ ସାଧନା ପାଇଁ ୨୦୦୪ରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କ ହାତରୁ ଏହି ସମ୍ମାନ ଗ୍ରହଣ କରିଥିଲେ ।

## 'ବନ୍ଦେ ମାତରମ୍'ର ୧୫୦ତମ ବାର୍ଷିକୀ ସମାରୋହ



**ନୟାଗଡ଼,୨୨ ।୧(ସମିସ):** ରାଷ୍ଟ୍ରଗୀତ ବନ୍ଦେ ମାତରମ୍ ୧୫୦ ତମ ବାର୍ଷିକ ସମାରୋହ ଆଜି ନୟାଗଡ଼ ପଠାଣି ସାମନ୍ତ ସଂସ୍କୃତି ଭବନଠାରେ ମହାସମାରୋହରେ ପାଳିତ ହୋଇଯାଇଛି । ପୌର ପରିଷଦ ସ୍ତରୀୟ ଏହି ଉତ୍ସବରେ ୨୨ ବିଦ୍ୟାଳୟର ୧୨ ଶହ ଛାତ୍ରଛାତ୍ରୀ ଯୋଗ ଦେଇ ସାମୂହିକ ଗୀତ ଗାନ କରିବା ସହିତ ସ୍ୱଦେଶୀ ସଂକଳ୍ପ ପତ୍ର ପାଠ କରିଥିଲେ । ମୁଖ୍ୟ ଅତିଥି ଭାବେ ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର ଯୋଗ ଦେଇ ପିତାମାତା ମାନେ ନିଜର ସନ୍ତାନକୁ ଦେଶ ମାତୃକା ସେବାରେ ସମର୍ପିତ ହେବାକୁ ପରାମର୍ଶ ଦେବା ଆବଶ୍ୟକ ବୋଲି କହିଥିଲେ । ଅତିଥି ଭାବେ ନୟାଗଡ଼ ଏସ୍ଡିପିଓ ଜ୍ୟୋତିରଞ୍ଜନ ସାମନ୍ତରାୟ, ଜିଲ୍ଲା ସଂସ୍କୃତି ଅଧିକାରୀ ସୁମିତ୍ରା ଭୁୟାଁ, ବିଇଓ ଉମାକାନ୍ତ ସେଠୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋତ୍ସାମୟୀ ଆଚାର୍ଯ୍ୟ, ଅତିରିକ୍ତ ଶିକ୍ଷା ମଣ୍ଡଳ ଅଧିକାରୀ ସଂଜୟ ମଲ୍ଲିକ ଯୋଗ ଦେଇଥିଲେ । ପୌର ପରିଷଦ ଅଧ୍ୟକ୍ଷା ନିରୂପମା ଖଟେଇ, ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କବି ଗୋପୀନାଥ ସେଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

## ପୁଲିସ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା



**ଓଡ଼ଗାଁ,୨୨ ।୧(ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ଆଦର୍ଶ ଥାନା ଅଧିକାରୀ ସତ୍ୟନାରାୟଣ ବାରିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜାନୁଆରୀ ୧ରୁ ୩୧ ତାରିଖ ପର୍ଯ୍ୟନ୍ତ ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ ହୋଇଛି । ଏହି ଅବସରରେ ବିଦ୍ୟାଳୟରେ ଆୟୋଜିତ ସଡ଼କ ସୁରକ୍ଷା ସମ୍ବନ୍ଧୀୟ ସଚେତନତା ସଭାରେ ଦ୍ରୁତ ଗତିରେ ଗାଡ଼ି ଚାଳନା, ହେଲମେଟ ବ୍ୟବହାର କରିବା, ଗାଡ଼ି ଚଲାଇବା ବେଳେ ମୋବାଇଲ ବ୍ୟବହାର ନ କରିବା, ବାଇକରେ ୩ ଜଣ ବସି ନ ଯିବା ସମ୍ବନ୍ଧରେ ଆଇଆଇସି, ଏଏସ୍ଆଇ ଏବଂ ସ୍କୁଲ ପ୍ରଧାନଶିକ୍ଷକ ଚନ୍ଦ୍ରଶେଖର ନାୟକଙ୍କ ସହିତ ଅନ୍ୟ ଶିକ୍ଷକମାନେ ବୁଝାଇଥିଲେ । ଓଡ଼ଗାଁ ଥାନା ସାମନା ରଘୁନାଥ ବିଦ୍ୟାପୀଠର ଷ୍ଟୁଡେଣ୍ଟ ପୁଲିସ କ୍ୟାଡେଟ ଏବଂ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀଙ୍କ ସହ ପୁଲିସ୍ ଏସଆଇ ଚକ୍ରଧର ସିଂଙ୍କ ନେତୃତ୍ୱରେ ଅନ୍ୟ ପୁଲିସ୍ ଅଧିକାରୀ ଏବଂ କର୍ମଚାରୀମାନେ ମିଳିତ ଭାବେ ୨୧ ନମ୍ବର ରାଜ୍ୟ ରାଜପଥରେ ସଚେତନ କରିଥିଲେ ।

## ବାରମ୍ବାର ଚୋରି, ଧରାପଡୁନାହାନ୍ତି ଅପରାଧୀ

### ସହର ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନବାଚୀ

**ନୟାଗଡ଼,୨୨ ।୧(ସମିସ):** ନୟାଗଡ଼ ସହର ଦିନକୁ ଦିନ ବୃଦ୍ଧି ପାଉଛି । ଜନସଂଖ୍ୟା ବୃଦ୍ଧି ପାଉଛି । ସହରରେ ସାହି, କଲୋନୀ ସହ ନୂଆ ନୂଆ ଘର ନିର୍ମାଣ ହେଉଛି । ରୁକ୍ଷୀ, ବଳରାମ ପାହାଡ଼ ପାଦଦେଶରେ ଥିବା ନୟାଗଡ଼ ସହରରେ ଲଗାତର ଭାବେ ତିନିବର୍ଷ ହେବ ଅନେକ ଚୋରି ଘଟଣା ଲୋକଙ୍କ ମନରେ ଭୟ ସୃଷ୍ଟି କରିସାରିଲାଣି । ଲୋକେ ଘର ଛାଡ଼ି ବାହାରକୁ ଯିବା ପୂର୍ବରୁ ଅନେକ ବାର ଚିନ୍ତା କରୁଛନ୍ତି । ସହରର ସୁରକ୍ଷା ପାଇଁ ନୟାଗଡ଼ ଟାଉନଥାନା ଏକମାତ୍ର ଭରସା ହୋଇଥିବା ବେଳେ ସୁରକ୍ଷା ବ୍ୟବସ୍ଥା ପୂରା ଢିଲା କହିଲେ ଅତ୍ୟୁକ୍ତି ହେବ ନାହିଁ । ଟାଉନଥାନାରେ ଥାନା ଅଧିକାରୀଙ୍କ ସମେତ ତିନି ଜଣ ଇନ୍ସପେକ୍ଟର ନିଯୁକ୍ତ ହୋଇଥିଲେ ସୁଦ୍ଧା ପୁଲିସ ଚୋରି ମାମଲାଗୁଡ଼ିକର ଖିଅ ଖୋଜି ପାଇପାରୁନାହିଁ । ପୁଲିସ ଖାଲି ମାମଲା ରୁଜୁ କରି ଚୁପ୍ ବସୁଥିବା ଅଭିଯୋଗ ହେଉଛି । ପୁଲିସ ପ୍ରକୃତରେ ଚୋରି ଘଟଣାର ରହସ୍ୟ ଖୋଲିପାରୁନାହିଁ ନା ଆନ୍ତରିକତା ନାହିଁ ବୋଲି ପ୍ରଶ୍ନ ଉଠିଛି । ବୁଧବାର ସିଦ୍ଧେଶ୍ୱର ମନ୍ଦିରୁ ହୁଣ୍ଡି ଚୋରି ଘଟଣା ପୁଲିସ ପାଇଁ ଚ୍ୟାଲେଞ୍ଜ ଭଳି ହୋଇଛି । ସହରରେ ପୂର୍ବରୁ ମନ୍ଦିରଗୁଡ଼ିକରୁ ବାରମ୍ବାର ଚୋରି ହୋଇଥିଲା । ପୁଲିସ ଅଭିଯୁକ୍ତକୁ ଗିରଫ କରିଥିଲା । କିନ୍ତୁ ନୟାଗଡ଼ ଟାଉନ ଥାନା ଅଧୀନରେ ବିଭିନ୍ନ କଲୋନୀରେ ହେଉଥିବା ଚୋରି ମାମଲାରେ ପୁଲିସର ହାତ ଏବେ ବି ଖାଲି ରହିଛି । ନିକଟରେ ନବଘନପୁର ଗାଁରୁ ହୋଇଥିବା ଚୋରି ଘଟଣାରେ ମଧ୍ୟ ପୁଲିସ କିଛି ସୁରାକ ପାଇପାରୁନାହିଁ । ବିଗତ ଦିନରେ ଖଣ୍ଡପଡ଼ା ରୋଡ୍ ଲୋକନାଥ ନଗର ଗୋକୁଳାନନ୍ଦ ଦ୍ୱିବେଦୀଙ୍କ ଘରେ କେହି ନ ଥିବା ବେଳେ ବିଳମ୍ବିତ ରାତିରେ ତାଲା ଭାଙ୍ଗି ଘରୁ ଗହଣା ଓ ଟଙ୍କା ଲୁଟ୍ ହୋଇଥିଲା । ଟାଉନଥାନା ପୁଲିସ ଖୋଳତାଡ଼ କରିଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ଲୁଟେରାଙ୍କ ଟେର୍ ମିଳିନି । ଏହାକୁ ନେଇ ଏବେ ସହରବାସୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି । କିଛିଦିନ ପୂର୍ବରୁ ଲକ୍ଷ୍ମଣନଗରରେ ଭଡ଼ାରେ ରହୁଥିବା ଝିଲ୍ଲୀ ପ୍ରଧାନଙ୍କ ଘରୁ ହୋଇଥିବା ଡକାୟତି ମାମଲାରେ ଏ ପର୍ଯ୍ୟନ୍ତ ପୁଲିସକୁ ସଫଳତା ମିଳି ନାହିଁ । ରାତିରେ ସେ ଘରେ ଉପସ୍ଥିତ ଥିଲେ ମଧ୍ୟ ଚୋରମାନେ ଏତେ ପେସାଦାର ଯେ ଝିଲ୍ଲୀ ଚୋରି ସମ୍ପର୍କରେ ଟିକିଏ ବି ସୁରାକ୍ ପାଇ ନ ଥିଲେ । ଏହି ଗ୍ୟାଙ୍ଗର ସଦସ୍ୟମାନେ କବାଟ ଓ ଝରକା ତାଡ଼ି ଚୋରି କରନ୍ତି । ଏହା ପୂର୍ବରୁ ନୀଳାଦ୍ରୀ ବିହାରରେ ରହୁଥିବା ସୁଦାମ ଚରଣ ଜେନାଙ୍କ ଘରୁ ଚୋରି ହୋଇଥିଲା । ଏହି ମାମଲାରେ ମଧ୍ୟ ପୁଲିସ କୌଣସି ସୁରାକ ପାଇ ନ ଥିଲା । ନୟାଗଡ଼ ସହରରୁ ଗତ ତିନିବର୍ଷ ମଧ୍ୟରେ ଚୋରି ଘଟଣାରେ ଅନେକ ମାମଲା ଆଜି ବି ରହସ୍ୟ ମଧ୍ୟରେ ରହିଛି । ପୁଲିସ ଅତ୍ୟାଧୁନିକ ଜ୍ଞାନକୌଶଳ ବଳରେ ମଧ୍ୟ ଚୋରଙ୍କୁ ଠାବ କରିପାରୁନାହିଁ । ସବୁଠାରୁ ବଡ଼ ସମସ୍ୟା ହେଉଛି, ସହରର ସିସିଟିଭି ବ୍ୟବସ୍ଥା ଅଚଳ ଅବସ୍ଥାରେ ରହିଛି । ୫୨ଟି ସିସିଟିଭି ମଧ୍ୟରୁ ଅନେକ କାମ କରୁ ନ ଥିବା ପୁଲିସ ପାଇଁ ବଡ଼ ସମସ୍ୟା ସୃଷ୍ଟି କରୁଛି । ପୁଲିସ ଚୋରି ମାମଲାଗୁଡ଼ିକୁ ଯେତିକି ଗୁରୁତ୍ୱ ଦେବା କଥା, ତାହା ହୋଇପାରୁନାହିଁ । ଏହାକୁ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି ।



ନୟାଗଡ଼ ସଦର ବ୍ଲକ ବାଲୁଗାଁ ହାଟ ନିକଟରେ ଏକ କୂଅ ଭିତରେ ରହିଥିବା ବରଗଛ ।

## ଆନ୍ତରିକତା ଅଭାବରୁ ଅଲୋଡ଼ା

# ନୟାଗଡ଼ ଇତିହାସ କଥା କୁହେ 'ରଳବଗଡ଼'

ନୟାଗଡ଼,୨୨ ।୧(ସମିସ)

ନୟାଗଡ଼ "ବାଘୁଆ ନୟାଗଡ଼' ଭାବେ ଆଖ୍ୟା ପାଇଛି । ଏହି ଆଖ୍ୟା ପଛରେ ରହିଛି ଏକ ଦୀର୍ଘ ଐତିହାସିକ କଥା ଏବଂ ଭିନ୍ନ ଏକ ଇତିହାସ । ଏହି ଇତିହାସର ମୂକସାକ୍ଷୀ ପାଲଟିଛି ଶହ ଶହ ବର୍ଷର ପୁରୁଣା "ରଳବଗଡ଼' । ଏହି "ରଳବଗଡ଼' ଆଜି ଅପାଙ୍କ୍ତେୟ ଅବସ୍ଥାରେ ରହିଛି । ଏହାକୁ ପର୍ଯ୍ୟଟନସ୍ଥଳୀ ସ୍ୱୀକୃତି କିମ୍ବା ଆକର୍ଷଣୀୟ କରାଯିବାକୁ ବ୍ୟବସ୍ଥା ହୋଇପାରୁନାହିଁ ।

ସେତେବେଳର ମାନବ ସଭ୍ୟତାର ଖପରାକାତି ଏବଂ ଅର୍ଦ୍ଧନିର୍ମିତ ବିଶାଳ ପଥର କବାଟ ଇତିହାସକୁ ଋଦ୍ଧିମନ୍ତ କରୁଛି । ନୟାଗଡ଼ର ଆଦ୍ୟଗଡ଼ ଭାବେ ପରିଚିତ "ରଳବଗଡ଼' ଓଡ଼ଗାଁ ବନାଞ୍ଚଳ ଅନ୍ତର୍ଗତ ଘଞ୍ଚ ଜଙ୍ଗଲ ମଧ୍ୟରେ ଯିବା ପରେ ପଡ଼ିଥାଏ । ନୟାଗଡ଼ ଜିଲ୍ଲା ବାହାଡ଼ାଝୋଲା ନିକଟ ସିଙ୍ଗାରପଲ୍ଲୀ ଆମ୍ବପଡ଼ା ଗ୍ରାମ ଛକରୁ ୪ କିମି ଜଙ୍ଗଲିଆ ରାସ୍ତାରେ ଯିବା ପରେ ପଡ଼ିଥାଏ "ରଳବଗଡ଼' । ନୂଆଗାଁ ଗ୍ରାମ ପରିସର ସଂରକ୍ଷିତ ଶୁଳିଆ ଜଙ୍ଗଲ ମଧ୍ୟରେ ଅବସ୍ଥିତ ରଳବ ନଦୀ କୂଳରେ ଏହି ସ୍ଥାନରେ ଆଜି ବାଉରୀ ଠାକୁରାଣୀଙ୍କ ଅର୍ଦ୍ଧନିର୍ମିତ ମୂର୍ତ୍ତି ପୂଜା ପାଉଛନ୍ତି । ସାମନାରେ ରହିଥିବା ବଉଳକୋଳି ବୃକ୍ଷ ମୂଳରେ ପୂଜା ପାଉଛନ୍ତି ମା' ଭୈରବୀ । ବହୁ ପୂର୍ବରୁ ବାଉରୀ ଠାକୁରାଣୀଙ୍କ ସହ ଦ୍ୱାରଶୁଣୀ, ପର୍ବତକାଳୁଆଣୀ ଏବଂ ଭୈରବୀ ପୂଜା ପାଇ ଆସୁଛନ୍ତି । ନୟାଗଡ଼ ରାଜବଂଶ ପକ୍ଷରୁ ଦଶହରା ସମୟରେ ସେଠାରେ କରାଯାଉଥିବା ସ୍ୱତନ୍ତ୍ର ପୂଜା ଏବେ ବନ୍ଦ ହୋଇଯାଇଥିବା ବେଳେ ପ୍ରତ୍ୟେକ ମାସ ଅମାବାସ୍ୟା ଏବଂ ସଂକ୍ରାନ୍ତିରେ ସ୍ଥାନୀୟ ଲୋକେ ସେଠାରେ ସ୍ୱତନ୍ତ୍ର ପୂଜା ବ୍ୟବସ୍ଥା କରିଛନ୍ତି । ଏତଦବ୍ୟତୀତ ପ୍ରତ୍ୟେକ ବର୍ଷ ପୌଷ ପୂର୍ଣ୍ଣିମାଠାରୁ ୪ ଦିନ ବ୍ୟାପୀ ସେଠାରେ ଯଜ୍ଞ ଅନୁଷ୍ଠିତ ହେଉଛି । ଜଙ୍ଗଲ ମଧ୍ୟରେ ରହିଥିବା ଏହି ସ୍ଥାନର ଇତିହାସକୁ ଆଜି ବି ଏକ ଅର୍ଦ୍ଧନିର୍ମିତ ପଥରକବାଟ ଏବଂ ଖପରାକାତି ବଖାଣୁଛି । ରଖିଥାଏ । ଲୋକକଥା ଏବଂ ବିଭିନ୍ନ ପୁସ୍ତକରୁ ମିଳୁଥିବା ସୂଚନାନୁସାରେ, ୧୨୫୦ ମସିହା ବେଳକୁ ମଧ୍ୟପ୍ରଦେଶ ରେବା ରାଜବଂଶର ଦୁଇ ରାଜକୁମାର ଓଡ଼ିଶାର ବିଭିନ୍ନ ଅଞ୍ଚଳ ପରିଭ୍ରମଣ କରିବାକୁ ଆସି ଏବେକାର ନୟାଗଡ଼ ଜିଲ୍ଲା ଗୁମ୍ମି ଗୁନାମାଟି ଅଞ୍ଚଳରେ ପହଞ୍ଚିଥିଲେ । ସେଠାରୁ ସେମାନେ କିଛିବାଟ ଆସିବା ପରେ ଉକ୍ତ ସ୍ଥାନରେ ଅନୁରୋଧ କରିଥିଲେ । କିଛିଦିନ ରହଣି ଭିତରେ ଉକ୍ତ ସ୍ଥାନର ମାହାତ୍ମ୍ୟ ଏବଂ କିଛି ସ୍ୱପ୍ନାଦେଶ ପାଇ ସେଠାରେ ସେମାନେ ରଳବଗଡ଼ ସ୍ଥାପନ କରିଥିଲେ । ସୂର୍ଯ୍ୟମଣି ଏହି ଗଡ଼ର ରାଜା ହୋଇଥିବା ବେଳେ ଚନ୍ଦ୍ରମଣି ଅନ୍ୟ ସ୍ଥାନକୁ ଚାଲି ଯାଇଥିଲେ । ସେବେଠାରୁ ରାଜାଙ୍କ ଦ୍ୱାରା ପ୍ରତିଷ୍ଠା ଲାଭ କରି ବାଉରୀଠାକୁରାଣୀ ସେଠାରେ







ରଳବ ନଦୀ କୂଳରେ ଏହି ବିଶାଳକାୟ ଅର୍ଦ୍ଧନିର୍ମିତ ପଥରକବାଟ ପଡ଼ି ରହିଥିବା ବେଳେ ଗଡ଼ ଅଞ୍ଚଳ ଥିବା ସ୍ଥାନରେ ଅନେକ ଖପରାକାତି ଦେଖିବାକୁ ମିଳୁଛି । ସେତେବେଳର ମାନବ ସଭ୍ୟତା ମାଟି ହାଣ୍ଡି ବ୍ୟବହାର କରୁଥିବାରୁ ଏହି ଖପରାକାତି ସେଠାରେ ପଡ଼ି ରହିଥିବା ସ୍ଥାନୀୟ ଲୋକେ କହିଛନ୍ତି ।

ଏହି ଜଙ୍ଗଲରେ ଅନେକ ପରିମାଣର ନୂପୁର ମୂଷା ରହୁଥିବାରୁ ସେମାନଙ୍କ ସ୍ୱର ଏଠାକୁ ବଣଭୋଜି କରିବାକୁ ଆସୁଥିବା ଲୋକଙ୍କୁ ଦୀର୍ଘ ସମୟ ବାନ୍ଧି ରାତ୍ରିଯାପନ କରିବାକୁ ମନ ବଳାଇଥିଲେ । ମାତ୍ର ଉକ୍ତ ଅଞ୍ଚଳରେ ବାଘଙ୍କ ଚଳପ୍ରଚଳ ଯୋଗୁଁ ଅଞ୍ଚଳବାସୀ ସେମାନଙ୍କୁ ବାରଣ କରିଥିଲେ । ଲୋକଙ୍କ କଥାକୁ ଭୃକ୍ଷେପ ନ କରି ଦୁଇ ଭାଇ ଚନ୍ଦ୍ରମଣି ସିଂହ ଏବଂ ସୂର୍ଯ୍ୟମଣି ସିଂହ ସେଠାରେ ରାତ୍ରିଯାପନ କଲେ । ସକାଳ ପାହିବା ବେଳକୁ ଲୋକେ ଆସି ଦେଖନ୍ତି ତ, ଉଭୟ ବାଘ ଓ ବାଘୁଣୀକୁ ଦୁଇ ରାଜକୁମାର ଶିକାର କରି ସେଠାରେ ପକାଇଥିଲେ । ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଲୋକେ ଦୁଇ ବୀର ଭ୍ରାତାଙ୍କୁ ସେଠାରେ ଅବସ୍ଥାନ କରିବାକୁ ପୂଜା ପାଉଥିଲେ । କାଳକ୍ରମେ ଏହି ଗଡ଼ ନୟାଗଡ଼କୁ ପରିବର୍ତ୍ତନ ହୋଇଯାଇଥିବା ବେଳେ ଆଜିକୁ ୮୫ ବର୍ଷ ପୂର୍ବେ ଇଂରେଜ ଶାସନ ସମୟରେ ଜଣେ କର୍ମଚାରୀ ଠାକୁରାଣୀଙ୍କୁ ତିନିଗଡ଼ କରି ବିଭିନ୍ନ ସ୍ଥାନରେ ଫୋପାଡ଼ି ଦେଇଥିବା ଲୋକକଥା ରହିଛି । ଠାକୁରାଣୀଙ୍କ ମୁଣ୍ଡ ଯୋଡ଼ାସାହି ନିବାସୀ ସେବକ ନାହାକ ପରିବାରରେ ପୂଜା ପାଉଥିବା ବେଳେ ଗଣ୍ଡି ହରିପୁର ଗ୍ରାମରେ ଏବଂ ଠାକୁରାଣୀଙ୍କ ଶରୀରର ତଳ ଅଂଶ ନୟାଗଡ଼ ପୁରୁଣା ରାଜବାଟୀ ନିକଟରେ ଥିବା ମନ୍ଦିରରେ ପୂଜା ପାଉଛନ୍ତି ।

# ୨୦୨୯ ରେ ବକ୍ସି ଜଗବନ୍ଧୁଙ୍କ ୨୦୦ ବର୍ଷ ପୂର୍ତ୍ତି ଉତ୍ସବ

**ଖୋର୍ଦ୍ଧା, ୨୨।୧(ସମିସ)**

ଆସନ୍ତା ୨୦୨୯ ମସିହାରେ ପାଇକ ମହାରଥି ବକ୍ସି ଜଗବନ୍ଧୁଙ୍କ ୨୦୦ ବର୍ଷ ପୂର୍ତ୍ତି ପାଳନ କରାଯିବା ପାଇଁ ଏବେ ଠାରୁ ପ୍ରସ୍ତୁତି ଆରମ୍ଭ କରିବାକୁ ସ୍ୱେଚ୍ଛାସେବୀ ସଂଗଠନ ନିୟୁ ଥିଙ୍କିଙ୍ଗ୍ ଫୋରମ୍ ପକ୍ଷରୁ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଫୋରମ୍‌ର ସଭାପତି ତଥା ଆଇନ୍‌ଜୀବୀ ନରେନ୍ଦ୍ର ପୃଷ୍ଟିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳଙ୍କ ଜରିଆରେ ଏହି ପତ୍ର ପ୍ରଦାନ କରାଯାଇଛି।




## ଏବେଠୁ ପ୍ରସ୍ତୁତି ଆରମ୍ଭ ଲାଗି ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର

ପ୍ରକାଶ ଥାଉକି ଭାରତର ଶେଷ ସ୍ୱାଧୀନ ଦୁର୍ଗ ଖୋର୍ଦ୍ଧା ଗଡ଼ରୁ ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ୧୮୧୭ ମସିହାରେ ଆରମ୍ଭ ହୋଇଥିଲା ପାଇକ ବିଦ୍ରୋହ। ଏହି ପାଇକ ଯୋଦ୍ଧା ବକ୍ସି ଜଗବନ୍ଧୁଙ୍କର ୧୮୨୯ ମସିହା ଜାନୁୟାରୀ ୨୪ରେ ମହାପ୍ରୟାଣ ଘଟିଥିଲା। ତେଣୁ ୨୦୨୯ ଜାନୁୟାରୀ ୨୪ ତାରିଖଠାରୁ ୨୦୩୦ମସିହା ଜାନୁୟାରୀ ୨୩ ତାରିଖ ପର୍ଯ୍ୟନ୍ତ ଏକ ବର୍ଷ ବ୍ୟାପୀ ଏହି ଉତ୍ସବ ପାଳନ କରାଯାଉ ବୋଲି ଫୋରମ୍ ପକ୍ଷରୁ ପ୍ରସ୍ତାବ ରଖାଯାଇଛି।

ଅନ୍ୟପକ୍ଷରେ ୧୮୦୩ ମସିହାରେ ବ୍ରିଟିଶ କମ୍ପାନୀ ଓଡ଼ିଶାରେ ପ୍ରବେଶ କରିବା ପରେ ଓଡ଼ିଆମାନଙ୍କ ଉପରେ ଅକଥନୀୟ ଦମନଲୀଳା ଆରମ୍ଭ କରିଦେଇଥିଲେ। ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମୀ ଜୟୀ ରାଜଗୁରୁଙ୍କୁ ଯେଉଁଭଳି ନିର୍ମମ ଭାବରେ ହତ୍ୟା କରାଯାଇଥିଲା, ଏହା ସମଗ୍ର ବିଶ୍ୱବାସୀଙ୍କୁ ସ୍ତବ୍ଧ କରିଦେଇଥିଲା। ଫଳରେ ବ୍ରିଟିଶମାନଙ୍କୁ ପାଇକମାନଙ୍କର ରୋଷର ଶିକାର ହେବାକୁ ପଡ଼ିଥିଲା। ପରେ ବ୍ରିଟିଶମାନେ ଓଡ଼ିଆମାନଙ୍କ ଲୁଣମରା ନୀତିକୁ ବନ୍ଦ କରିବା, ରାଜସ୍ୱ କର ବୃଦ୍ଧି କରାଇବା ସହ ସେମାନଙ୍କର ଜମିଜମାକୁ କଲିକତାରେ ଶାଗମାଛ ଦରରେ ବିକ୍ରି କରିବା ଦ୍ୱାରା କ୍ରମଶଃ ଓଡ଼ିଆମାନେ ଅତ୍ୟଧିକ କ୍ରୋଧିତ ହୋଇଉଠିଥିଲେ। ଏହିସବୁ ଅତ୍ୟାଚାରର ଫଳସ୍ୱରୂପ ସୃଷ୍ଟି ହେଲା ପାଇକ ବିଦ୍ରୋହ। ଯାହାର ନେତୃତ୍ୱ ନେଇଥିଲେ ବକ୍ସି ଜଗବନ୍ଧୁ ବୋଲି ଫୋରମ ପକ୍ଷରୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ତେଣୁ ଏହି ମହାନ୍ ବିଦ୍ରୋହୀ ନେତା ବକ୍ସି ଜଗବନ୍ଧୁଙ୍କ ସ୍ମୃତିକୁ ରୋମନ୍ଥନ କରିବା ସହ ଓଡ଼ିଆ ଅସ୍ମିତାର ପ୍ରଚାର ଓ ପ୍ରସାର କରାଯିବା ପାଇଁ ସମଗ୍ର ଦେଶରେ ଏହି ୨୦୦ ବର୍ଷ ପୂର୍ତ୍ତି ପାଳନ କରାଯିବାର ଆବଶ୍ୟକତା ରହିଛି ବୋଲି ଫୋରମ୍ ପକ୍ଷରୁ କୁହାଯାଇଛି।

ଏହି ଅବସରରେ ଐତିହ୍ୟ ବରୁଣେଇ ପାହାଡ଼ ଉପରେ ବକ୍ସିଙ୍କର ୬୦୦ଫୁଟ ଉଚ୍ଚତାର ପ୍ରତିମୂର୍ତ୍ତି, ବକ୍ସିଙ୍କ ନାମରେ ରେଳଗାଡ଼ି ଚଳାଇବା, ଖୋର୍ଦ୍ଧା ଗଡ଼ର ପୁନରୁଦ୍ଧାର କରିବା, ପାଇକସ୍ମାରକୀ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା, ରାଜଧାନୀ ଦିଲ୍ଲୀ, ଭୁବନେଶ୍ୱର, ରାଜ୍ୟର ପ୍ରତ୍ୟେକ ଜିଲ୍ଲା ସଦର ମହକୁମାରେ ବକ୍ସିଙ୍କର ପ୍ରତିମୂର୍ତ୍ତିମାନ ସ୍ଥାପନ କରିବା ପାଇଁ ଫୋରମ୍ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ଏଥିସହ ୨୦୨୯ ମସିହା ପୂର୍ବରୁ ଖୋର୍ଦ୍ଧା ସହରର ପୂର୍ଣ୍ଣାଙ୍ଗ ବିକାଶ କରିବା ସହ ଏହାକୁ ପର୍ଯ୍ୟଟନ ଉପଯୋଗୀ କରାଯିବାର ଆବଶ୍ୟକତା ରହିଛି ବୋଲି ଫୋରମ୍ ପକ୍ଷରୁ କୁହାଯାଇଛି।

ଅନ୍ୟମାନଙ୍କ ମଧ୍ୟରେ ଆଇନ୍‌ଜୀବୀ ବିଜୟ ସାମନ୍ତରସିଂହାର, ପ୍ରସନ୍ନ ପାଇକରାୟ, ସରୋଜ ମୁଦୁଲି, ଏମ୍.ଡ଼ି.ମୋତାହର, ପ୍ରଦୀପ ବେହେରା, ପ୍ରାଧ୍ୟାପକ ଗୋପାଳ ଦାସ, ବଦ୍ରି ନାରାୟଣ ଦାସ, ବିପ୍ର ଚରଣ ବେହେରା, ହେମନ୍ତ ପାତ୍ର, ପାଇକ ଗୁରୁ ସୁନୀଲ ପ୍ରଧାନ, ସଙ୍ଗୀତଜ୍ଞ ପବିତ୍ର ନାୟକ ଓ ମା' ବରୁଣେଇ ପାଇକ ଆଖଡ଼ାର କଳାକାରମାନଙ୍କ ସମେତ ସହରର ବହୁ ବୁଦ୍ଧିଜୀବୀ ସାମିଲ ହୋଇଥିଲେ।

## ବାଣପୁର ଶ୍ରୀରଙ୍ଗନାଥଦେବଙ୍କ ପଦ୍ମମୁଖ ବେଶ

**ବାଲୁଗାଁ, ୨୨।୧(ସମିସ):** ଶ୍ରୀକ୍ଷେତ୍ରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାର ମାସରେ ତେର ପର୍ବ, ବିଭିନ୍ନ ପର୍ବରେ ଶ୍ରୀ ଜଗନ୍ନାଥ ଭିନ୍ନ ଭିନ୍ନ ବେଶରେ ବେଶରେ ଭକ୍ତଙ୍କୁ ଦର୍ଶନ ଦିଅନ୍ତି। ସେଥିମଧ୍ୟରୁ ମାଘ ମାସ ତ୍ରିବେଣୀ ଅମାବାସ୍ୟା ଠାରୁ ଶ୍ରୀପଞ୍ଚମୀ ମଧ୍ୟରେ ପ୍ରଥମେ ବୁଧବାର କିମ୍ବା ଶନିବାର ପଡ଼ିଲେ ଉକ୍ତ ଦିବସରେ ଶ୍ରୀଜିଉମାନଙ୍କର ଏହି ସ୍ୱତନ୍ତ୍ର ପଦ୍ମବେଶ ଅନୁଷ୍ଠିତ ହୋଇଥାଏ। ପରମ୍ପରା ଅନୁଯାୟୀ ଚଳିତ ବର୍ଷ ଅମାବାସ୍ୟା ପରେ ପ୍ରଥମେ ବୁଧବାର ପଡୁଥିବାରୁ ଶୋଲ, ଜରି, କଦଳୀପଟ, କନା, କଇଁଥ ଅଠା ଓ ବିଭିନ୍ନ ରଙ୍ଗ ବ୍ୟବହାର କରି ଭଗବତୀ କ୍ଷେତ୍ର ବାଣପୁରର ଆରାଧ୍ୟ ଠାକୁର ଶ୍ରୀ ରଙ୍ଗନାଥ ଦେବଙ୍କର ଏହି ଦୁର୍ଲଭ ପଦ୍ମମୁଖ ବେଶ କରାଯାଇଥିବା ବେଳେ ଶ୍ରୀଜିଉ ମାନେ ପଦ୍ମ ଫୁଲରେ ସୁସଜ୍ଜିତ ହୋଇ ଝଲସି ଉଠିଥିବା ଦେଖିବାକୁ ମିଳିଛି। ବଡସିଂହାର ବେଶରେ ଶ୍ରୀଜିଉମାନଙ୍କୁ ବେଶ କରାଯାଇ ଖିରି ଓ ଅମାଲୁ ଭୋଗ ଲାଗି କରାଯାଇଥିବା ବେଳେ ପଦ୍ମ ବେଶରେ ଥାଇ ଠାକୁରଙ୍କ ପହଡ ହୋଇଥିଲା। ଗୁରୁବାର ମଙ୍ଗଳ ଆଳତି ଯାଏଁ ମହାପ୍ରଭୁଙ୍କର ଏହି ମନୋରମ ପଦ୍ମ ବେଶ ରହିବାର ଥିବା ବେଳେ ମଙ୍ଗଳ ଆଳତୀରେ ଶ୍ରୀଜିଉଙ୍କୁ ଏହି ଦୁର୍ଲଭ ପଦ୍ମ ବେଶରେ ଶ୍ରଦ୍ଧାଳୁମାନେ ଦର୍ଶନ କରିପାରିବେ। ପରେ ଅବକାଶ ହୋଇ ବେଶ ଓଲାଗି କରାଯିବାର ପରମ୍ପରା ରହିଛି। ମହାପ୍ରଭୁଙ୍କର ଏହି ଦୁର୍ଲଭ ମନଲୋଭା ବେଶ ଦର୍ଶନ ନିମନ୍ତେ ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଛି। ସେବାୟତ ଚନ୍ଦ୍ରଶେଖର ହୋତା, ମନ୍ଦିର ପରିଚାଳନା କମିଟିର ସଦସ୍ୟ ଦେବଦତ୍ତ ପାଣି, ପଦ୍ମନାଭ ମହାପାତ୍ର, ଦାସରଥି ସାହୁ ଓ ବାଲମୁକୁନ୍ଦ ଦାସ ପ୍ରମୁଖ ଉପସ୍ଥିତ ରହି ଏହାର ସୁପରିଚାଳନା କରିଥିଲେ।



## ଶୀତକାଳୀନ ସ୍ୱତନ୍ତ୍ର ଶିବିର ଉଦ୍‌ଘାଟିତ

**ନିରାକାରପୁର, ୨୨।୧ (ସମିସ):** ଶ୍ରୀଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କାଇପଦର୍ ପରିସରରେ ଜାତୀୟ ସେବା ଯୋଜନାର 'ଶୀତକାଳୀନ ସପ୍ତମ ଦିବସୀୟ ସ୍ୱତନ୍ତ୍ର ଶିବିର' ମହାବିଦ୍ୟାଳୟର ଅଧ୍ୟକ୍ଷ ଉମେଶ ଚନ୍ଦ୍ର ସାହୁଙ୍କ ଦ୍ୱାରା ଉଦଘାଟିତ ହୋଇ ଯାଇଛି। ଏହି ଉଦଘାଟନୀ ସଭାରେ ମହାବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷ ଡକ୍ଟର ଦିଲୀପ କୁମାର ଶ୍ରୀଚନ୍ଦନ, ପୂର୍ବତନ ଅଧ୍ୟକ୍ଷ ଅଶୋକ ଜୟସିଂହ ଉପସ୍ଥିତ ଥିଲେ। + ୩ ବିଭାଗର ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ମାନସ କୁମାର ଜୟସିଂହ ଓ ଅଧ୍ୟାପିକା ଅନୁପମା ଚମ୍ପତିରାୟ ଯୋଗ ଦେଇ ଶିବିରକୁ ପରିଚାଳନା ଦିଗରେ ସୂଚନା ପ୍ରଦାନ କରିଥିଲେ। +୨ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଡ. ସୁମନ୍ତ ଦେହେରୀ ସ୍ୱାଗତ ଭାଷଣ ଓ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଶିବିରରେ ପଚାଶରୁ ଊର୍ଦ୍ଧ୍ୱ ଛାତ୍ର ଛାତ୍ରୀ ଉପସ୍ଥିତ ରହିଥିଲେ।

## ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ଟାଙ୍ଗୀ, ୨୨।୧(ସମିସ):** ଟାଙ୍ଗୀ ଦୁର୍ଗାଚରଣ ଚିଲିକା ଡିଗ୍ରୀ ମହାବିଦ୍ୟାଳୟରେ ୧୨ ଦିନ ଧରି ଚାଲିଥିବା ଛାତ୍ରୀ ଆତରକ୍ଷା ଶିବିର ଉଦଯାପିତ ହୋଇଯାଇଛି। ଅଧ୍ୟାପିକା ରିଙ୍କିନା ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରରେ ୧୨୫ ଜଣ ଛାତ୍ରୀଙ୍କୁ ପ୍ରଶିକ୍ଷିକା ସୁନିତା ବେହେରାଙ୍କ ଦ୍ୱାରା ବିଭିନ୍ନ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଅଧ୍ୟକ୍ଷ ସୁଶାନ୍ତ କୁମାର ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ସଭାରେ ମୁଖ୍ୟଅତିଥି ଭାବେ ଭୁବନେଶ୍ୱର ସାଂସଦ ପ୍ରତିନିଧି ଚିନ୍ମୟ ପୃଷ୍ଟି, ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟ ଆଇ ସି ସି କମିଟିର ସଦସ୍ୟା ସମାଜସେବୀ ସସ୍ମିତା ପଟ୍ଟନାୟକ, ଅଧ୍ୟାପକ ସଞ୍ଜିବ କୁମାର ପରିଡ଼ା ପ୍ରମୁଖ ଯୋଗଦେଇଥିଲେ। ଅଧ୍ୟାପକ ସୁକାନ୍ତ କୁମାର ପରିଡ଼ା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ୪ ଚୋରି ବାଇକ ଉଦ୍ଧାର, ୨ ଲୁଟେରା ଗିରଫ

**ନିରାକାରପୁର, ୨୨।୧ (ସମିସ):** ବାଇକ ଚୋରୀ ଅଭିଯୋଗକୁ ଭିତ୍ତି କରି ନିରାକାରପୁର ଥାନା ଆଇଆଇସି ବିଶ୍ୱଜିତ୍ ରାଉତରାୟଙ୍କ ନିର୍ଦ୍ଦେଶରେ ଏସ ଆଇ ଦିପଳିଶା ନାୟକ ସଦଳବଳେ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଉକ୍ତ ଥାନା ଅନ୍ତର୍ଗତ ବୋଡଙ୍ଗରା ଗ୍ରାମର ଅଭିଜିତ ଚମ୍ପତି ଓରଫ ଓମ ଏବଂ ବିଶ୍ୱଜିତ୍ ଚମ୍ପତି ଓରଫ ସିତୁକୁ ଗିରଫ ପଚରା ଉଚରା କରିଥିଲେ। ପରେ ତାଙ୍କ ଠାରୁ ୪ ବାଇକ ଜବତ କରାଯାଇ ଗାଡି ମାଲିକଙ୍କୁ ଜିମା ଦିଆଯାଇଛି। ଆଜି ପୁଲିସ ଉକ୍ତ ଦୁଇ ଜଣଙ୍କୁ କୋର୍ଟ ଚାଲାଣ କରିଛି।



## ଆମ ଗାଁ ମହୋତ୍ସବ ପ୍ରସ୍ତୁତି ବୈଠକ

**ବେଗୁନିଆ, ୨୨।୧(ସମିସ):** ବେଗୁନିଆ ବ୍ଲକ କଣ୍ଟାବାଡ ପଞ୍ଚାୟତ ଅନ୍ତର୍ଗତ ମଳିପଦର ଗ୍ରାମର ପାରିଜାତ କ୍ଲବ ପରିସରରେ ଆମ ଗାଁ ମହୋତ୍ସବ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଅମିୟ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠାନର ସମ୍ପାଦକ ଡ. ଶିଶିର କୁମାର ଆଚାର୍ଯ୍ୟ, ସହ ସମ୍ପାଦକ ସ୍ୱାଧିନ ପଣ୍ଡା, ସଭ୍ୟ କୁଞ୍ଜ ବିହାରୀ ମହାପାତ୍ର, ରବୀନ୍ଦ୍ର ବାରିକ, ଦିବାକର ପଣ୍ଡା, ମାଗୁଣି ସାମନ୍ତରାୟ, ହରେକୃଷ୍ଣ ଦାଶ, ଭଗବାନ ଦାସ, ଶରତ ମହାପାତ୍ର, ପ୍ରମୋଦ ବାରିକ, ଧ୍ରୁବ ଚରଣ ସେଠୀ, ଚିତ୍ତ ରଞ୍ଜନ ହୋତା ଓ ତୋଫାନ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ମହୋତ୍ସବକୁ ଶୃଙ୍ଖଳିତ ଭାବେ କରିବା ପାଇଁ ମତ ପ୍ରକାଶ କରିଥିଲେ। ଏପରିକି ମହୋତ୍ସବ ଆସନ୍ତା ମାର୍ଚ୍ଚ ୨୬ରୁ ଆରମ୍ଭ ହୋଇ ୨୯ ରେ ଉଦଯାପିତ ହେବ ବୋଲି ସ୍ଥିର କରାଯାଇଥିଲା।

## ଗ୍ରାମୀଣ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ବାଣପୁର, ୨୨।୧(ସମିସ) :** ବାଣପୁର ଗ୍ରାମୀଣ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଦୁଇ ଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡ଼ା ଉତ୍ସବ ଉଦଯାପିତ ହୋଇଯାଇଛି। ଅଧ୍ୟକ୍ଷ ସର୍ବେଶ୍ୱର ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଆୟୋଜିତ ଉଦଯାପନୀ ଉତ୍ସବର ମୁଖ୍ୟଅତିଥି ଭାବେ ବାଣପୁର ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ ଓ ବିଶିଷ୍ଟ ଅତିଥି ଭାବେ ବାଣପୁର ଏନଏସି ନଗରପାଳ ମିଟୁ ନାୟକ ଯୋଗ ଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। କ୍ରୀଡା ଶିକ୍ଷକ ବିଭୁଦେନ୍ଦୁ ମାନସିଂହ ଓ ଶିବ ଶଙ୍କର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କ୍ରୀଡା ଉତ୍ସବରେ ଲିଙ୍କି ବରାଳ, କଲ୍ପଶ୍ରୀ ପ୍ରଧାନ, ଅର୍ଚ୍ଚନା ବେହେରା ଓ ସଂଘମିତ୍ରା ପାତ୍ର ଓ ସୁନିତା ସାମନ୍ତରାୟ ପ୍ରମୁଖ ଯୋଗଦେଇ ସମସ୍ତ କ୍ରୀଡା ପ୍ରତିଯୋଗିତା ପରିଚାଳନା କରିଥିଲେ।

### କାଠଖୁଣ୍ଟିଆ ବିବେକାନନ୍ଦ ୟୁଥ୍ ଫୁଟବଲ

## ସେମିଫାଇନାଲରେ ଗଡ଼ମାଣତ୍ରି

**ଖୋର୍ଦ୍ଧା, ୨୨।୧(ସମିସ):** ଖୋର୍ଦ୍ଧା ଉପକଣ୍ଠ କାଠଖୁଣ୍ଟିଆ ଫୁଟବଲ ପଡ଼ିଆ ଠାରେ ୨୬ତମ କାଠଖୁଁଟିଆ ବିବେକାନନ୍ଦ ୟୁଥ ଫୁଟବଲ ଟୁର୍ଣ୍ଣାମେଣ୍ଟର ୪ର୍ଥ ଦିବସରେ କାଠଖୁଁଟିଆ ସହ ଗଡ଼ମାଣତ୍ରି ଖେଳ ହୋଇଥିଲା। ଖେଳର ପ୍ରଥମାର୍ଦ୍ଧରେ କେହି କାହାରିକୁ ଗୋଲ ମାରି ପାରିନଥିଲେ। ଖେଳର ଦ୍ୱିତୀୟାର୍ଦ୍ଧରେ ଗଡ଼ମାଣତ୍ରି ଦଳର ମନୋଜ ନାୟକ ଏକ ଚିତାକର୍ଷକ ଗୋଲ୍ ମାରି ନିଜ ଦଳକୁ ସେମିଫାଇନାଲରେ ସୁନିଶ୍ଚିତ କରିଥିଲେ। ଏହି ମ୍ୟାଚକୁ ପରିଚାଳନା କରିଥିଲେ ସଗିର ଅହମଦ। ତାଙ୍କୁ ବିଦେଶୀ ନାୟକ ଏବଂ ପ୍ରଫୁଲ୍ଲ କୁମାର ବେହେରା ଲାଇନରେ ସାହାଯ୍ୟ କରିଥିଲେ। ଚତୁର୍ଥ ରେଫେରି ଭାବେ ଅମଜାଦ ଖାଁ ଦାୟିତ୍ୱ ତୁଲାଇଥିଲେ।

ଏହି ମ୍ୟାଚରେ ମୁଖ୍ୟଅତିଥି ଭାବେ ମୁକ୍ତାପୁର, ମଲ୍ଲିପୁରର ପୂର୍ବତନ ସରପଞ୍ଚ ବିଜୟକୁମାର ଦାସ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ରୂପେ ଶରଧାପୁର ଗ୍ରାମ ସେକ୍ରେଟାରୀ ମହମ୍ମଦ ଇଦ୍ରିସ୍, ଯୁବନେତା ଭରତ ମାଣୋଇ, କେରଙ୍ଗ ଅହମଦୀୟା ମୁସଲିମ ଫୁଟବଲ ଦଳର ପୂର୍ବତନ ଖେଳାଳି ସେକ୍ ରଶିଦ ଏବଂ ସୁକଦେବ ନାୟକ ଯୋଗ ଦେଇଥିଲେ। ଆସନ୍ତା କାଲି ପ୍ରଥମ ସେମିଫାଇନାଲ କୁମ୍ଭିଲୋ ସହ ଭାଲିଆବାଡି ଦଳ ଖେଳାଯିବାର ସୂଚନା ଟୁର୍ଣ୍ଣାମେଣ୍ଟ କମିଟି ପକ୍ଷରୁ ଦିଆଯାଇଛି।

## ଶ୍ରୀଜଗନ୍ନାଥ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ



**ନିରାକାରପୁର, ୨୨।୧ (ସମିସ):** ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ, କାଇପଦରରେ ଅଧ୍ୟକ୍ଷ ଉମେଶ ଚନ୍ଦ୍ର ସାହୁଙ୍କ ପୌରୋହିତ୍ୟରେ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରୂପଶ୍ରୀ ରାଣୀ ଗୁମାନସିଂହ, ଖୋର୍ଦ୍ଧା ଜିଲ୍ଲା ପରିଷଦ ଅଧ୍ୟକ୍ଷା, ମୁଖ୍ୟବକ୍ତା ଦିଲ୍ଲୀପ କୁମାର ଶ୍ରୀଚନ୍ଦନ, ପୂର୍ବତନ ବିଧାୟକ ଖୋର୍ଦ୍ଧା, ରଜନୀ ରଞ୍ଜନ ଦାଶ ବିଶିଷ୍ଟ ସାହିତ୍ୟିକ ତଥା ଓଡ଼ିଆ ଚଳଚ୍ଚିତ୍ର ସଂଳାପକ, ସମ୍ମାନିତ ଅତିଥି, ସମ୍ମାନିତ ବକ୍ତା ପୂର୍ବତନ ସମ୍ପାଦକ ପର୍ଶୁରାମ ମାର୍ଥା, ଜଗନ୍ନାଥ କର, ପୂର୍ବତନ ଅଧ୍ୟକ୍ଷ ଡକ୍ଟର ଦେବେନ୍ଦ୍ର କୁମାର ମାନସିଂହ ଓ ଅଶୋକ କୁମାର ରାୟସିଂହ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ଅତିଥି ପରିଚୟ ଏବଂ ସ୍ୱାଗତ ଭାଷଣ ଅଧ୍ୟାପକ ପ୍ରତାପ କିଶୋର ଛୋଟରାୟ ପ୍ରଦାନ କରିଥିବାବେଳେ ବାର୍ଷିକ ବିବରଣୀ ପାଠ କରିଥିଲେ ମହାବିଦ୍ୟାଳୟର ଉପାଧ୍ୟକ୍ଷା ସଚ୍ଚଳା ସାମନ୍ତରାୟ, ଅଧ୍ୟାପିକା ଅନୁପମା ଚମ୍ପତିରାୟ ମଞ୍ଚ ପରିଚାଳନା କରିଥିବାବେଳେ ଧନ୍ୟବାଦ ଅର୍ପଣ କରିଥିଲେ ଅଧ୍ୟାପକ ଡକ୍ଟର ଜନ୍ମେଜୟ ଚୌଧୁରୀ। ପରିଶେଷରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଐଶାନେଶ୍ୱର ଦେବଙ୍କ ପୀଠରେ ଯଜ୍ଞ ଉତ୍ସବ



**ଭୂଷଣ୍ଡପୁର, ୨୨।୧(ସମିସ):** ଟାଙ୍ଗୀ ବ୍ଲକର ଭୂଷଣ୍ଡପୁର ଗ୍ରାମପଞ୍ଚାୟତର ପଶ୍ଚିମାଭିମୁଖୀ ଐଶାନେଶ୍ୱର ଦେବଙ୍କ ପୀଠରେ ଗତ ତିନି ଦିନ ଧରି ଚାଲିଆସୁଥିବା ଯଜ୍ଞର ଆଜି ପୂର୍ଣ୍ଣାହୁତି ହୋଇଛି। ଏଥିସହିତ କ୍ଷୀରସାଗର ମେଳା ଏବଂ ଦ୍ୱାଦଶ ଶମ୍ଭୁ ମାନଙ୍କର ମିଳନ ହୋଇ ପିଠାଧିଶଙ୍କ ପ୍ରାଙ୍ଗଣରେ ଆସୀନ ହୋଇ ପୂଜାର୍ଚ୍ଚନା ହୋଇଛି। ପ୍ରଥମେ ଠାକୁର ମାନଙ୍କର ସମାବେଶ ନିକଟସ୍ଥ ଦୋଳପଡ଼ିଆଠାରେ ଅନୁଷ୍ଠିତ ହୋଇଥିଲା। ଉପସ୍ଥିତ ଶ୍ରଦ୍ଧାଳୁଙ୍କ ଉଦ୍ଦେଶ୍ୟରେ ଗାୟକ ରବୀନ୍ଦ୍ର କୁମାର ସାମନ୍ତରାୟ ଏବଂ ବିରଞ୍ଚି ନାରାୟଣ ପ୍ରଧାନ ଅଭିଭାଷଣ ରଖିଥିଲେ। ପରେ ପିଠାଧୀଶ ଐଶାନେଶ୍ୱର ଆସିବାପରେ ଠାକୁରମାନେ ମନ୍ଦିର ନିକଟକୁ ଯାଇଥିଲେ। ଆଜି ଯଜ୍ଞର ଶେଷ ଦିବସରେ ସକାଳୁ ବେଦଜ୍ଞ ପୁରୋହିତଙ୍କ ଦ୍ୱାରା ଗୋପୂଜା ଏବଂ ସମସ୍ତ ଦେବା ଦେବୀଙ୍କୁ ଆବାହନ କରାଯାଇ ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଥିଲା। ଶହଶହ ଭକ୍ତଙ୍କ ଉପସ୍ଥିତିରେ ଐଶାନେଶ୍ୱରଙ୍କ କ୍ଷୀର ସାଗର ମେଳା ଅନୁଷ୍ଠିତ ହୋଇଥିଲା।

## ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ

**ବେଗୁନିଆ, ୨୨।୧(ସମିସ):** ବେଗୁନିଆ ସଦର ମହକୁମା ସ୍ଥିତ ମା' ବର ମୂଳେଇ ପୀଠରେ ୧୯୭୧ ମାଟ୍ରିକ ବ୍ୟାଚ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରଙ୍କ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ପୁରାତନ ଛାତ୍ର ଅନନ୍ତ ବରାଳଙ୍କ ଆବାହକତ୍ୱରେ ଦିନବନ୍ଧୁ ପଣ୍ଡା, ପରମା ନନ୍ଦ ମହାପାତ୍ର, ସରୋଜ କୁମାର ସାହୁ, ବସନ୍ତ କୁମାର ବାରିକ, ବିପିନ ବିହାରୀ ମିଶ୍ର, ରସାନନ୍ଦ ସାହୁ, ଡମ୍ବୁରୁଧର ସାହୁ ଗୋକୁଳାନନ୍ଦ ପୃଷ୍ଟିଙ୍କ ସମେତ ବହୁ ଛାତ୍ର ଯୋଗ ଦେଇ ବିଗତ ଦିନର ସ୍ମୃତିକୁ ସାଉଁଟିବା ସହ ଭାବର ଆଦାନ ପ୍ରଦାନ କରିଥିଲେ।

## ଶ୍ରୀ ରାଧାଗୋବିନ୍ଦ ମହୋତ୍ସବର ତୃତୀୟ ଦିବସ



**ନିରାକାରପୁର/ଭୂଷଣ୍ଡପୁର, ୨୨।୧ (ସମିସ):** ଖୋର୍ଦ୍ଧା ଜିଲ୍ଲା ଭୂଷଣ୍ଡପୁରସ୍ଥିତ ଜେବିଜି (ଝଟିନୁଆଗାଁ, ବାଲିପାଟପୁର, ଗୋବର୍ଦ୍ଧନପୁର) କଲୋନୀ ଠାରେ ଗ୍ରାମ୍ୟ କମିଟି ଦ୍ୱାରା ଶ୍ରୀ ରାଧା ଗୋବିନ୍ଦ ମନ୍ଦିର ପ୍ରତିଷ୍ଠା ଅବସରରେ ଆୟୋଜିତ ଶ୍ରୀ ରାଧାଗୋବିନ୍ଦ ମହୋତ୍ସବର ଆଜିର ତୃତୀୟ ଦିବସରେ ରାଜ୍ୟ ଓ ରାଜ୍ୟ ବାହାରୁ ଆସିଥିବା ଦେଢ଼ ଶହରୁ ଅଧିକ ସାଧୁ ସନ୍ଥଙ୍କ ନଗର ପରିକ୍ରମା ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ତେନ୍ତୁଳିଆପଡ଼ା ଛକ ସ୍ଥିତ ସାକ୍ଷୀଗୋପିନାଥ ମନ୍ଦିରଠାରୁ ଶୋଭାଯାତ୍ରା ବାହାରି ଗ୍ରାମ ପରିକ୍ରମା କରି ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ପହଞ୍ଚି ଥିଲେ। ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ଡ଼ ସଞ୍ଜୟ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆସିଥିବା ସାଧୁ ସନ୍ଥ ମାନେ ଭକ୍ତ ମାନଙ୍କୁ ଆଶ୍ରିବଚନ ପ୍ରଦାନ କରିଥିଲେ। ଏହି ସାଧୁ ସନ୍ଥଙ୍କ ମଧ୍ୟରେ ପରମପୂଜ୍ୟ ଶ୍ରୀ ମହନ୍ତ ଶ୍ରୀ ଲକ୍ଷ୍ମଣ ଦାସଜୀ ମହାରାଜ ଭୋଲେବାବା, ନୈମିଶ୍ୟାରଣ୍ୟ ପରମପୂଜ୍ୟ ଶ୍ରୀ ଶ୍ୟାମସୁନ୍ଦର ଦାସଜୀ ମହାରାଜ, ଓଙ୍କାରେଶ୍ୱର, ପରମପୂଜ୍ୟ ଶ୍ରୀ ସୀତାରାମ ଦାସଜୀ ମହାରାଜ, କନକ ମହଲ, ଜନକୀଘାଟ, ଅଯୋଧ୍ୟା, ପରମପୂଜ୍ୟ ଶ୍ରୀ ହରିଓମଦାସଜୀ ମହାରାଜ, ବାଂସବାଡ଼ା, ପରମପୂଜ୍ୟ ଶ୍ରୀ ଜଗଦୀଶ ଦାସଜୀ ମହାରାଜ, ଦାହୋଦ, ଗୁଜରାଟ, ପରମପୂଜ୍ୟ ଶ୍ରୀ ଭକ୍ତି ଦାସଜୀ ମହାରାଜ, ନାସିକ, ମହାରାଷ୍ଟ୍ର, ପରମପୂଜ୍ୟ ଶ୍ରୀ ମନମୋହନ ଦାସଜୀ ମହାରାଜ, ରାଧେରାଧେ ବାବା, ଇନ୍ଦୋର, ମଧ୍ୟପ୍ରଦେଶ, ପରମପୂଜ୍ୟ ଶ୍ରୀ ନରହରୀ ଦାସଜୀ ମହାରାଜ, ଝାସି, ପରମପୂଜ୍ୟ ଶ୍ରୀ ରାମଲୋଚନ ଦାସଜୀ ମହାରାଜ, ବନାରସ, ପରମପୂଜ୍ୟ ଶ୍ରୀ କାସୀ ଦାସଜୀ ମହାରାଜ, ଉଜ୍ଜୟିନୀ, ଦବାସା, ପରମପୂଜ୍ୟ ଶ୍ରୀ ମହାବୀର ଦାସଜୀ ମହାରାଜ, ନଡ଼ିୟାଦ, ଗୁଜରାଟ, ପରମପୂଜ୍ୟ ଶ୍ରୀ ଗୋପଳ ଦାସଜୀ ମହାରାଜ, ସୁରତ ଗୁଜରାଟ, ପରମପୂଜ୍ୟ ଶ୍ରୀ ହରିଦାସ ଜୀ ମହାରାଜ, ଅଧିକାରୀ ସିହୋର, ପରମପୂଜ୍ୟ ଶ୍ରୀ ପଦ୍ମଭୂଷଣ ଦାସଜୀ ପୂଜାରୀଜୀ, ଜମୁନାନଗରଙ୍କ ସମେତ ସମୁଦାୟ ୧୫୧ ଜଣ ସାଧୁ ସନ୍ଥଙ୍କ ଆଗମନ ହୋଇଥିଲା। ଅନୁଷ୍ଠାନର ସଭାପତି ସୁଦିପ୍ତ ମଣ୍ଡଳ, ଉପସଭାପତି ତାପସ ମଣ୍ଡଳ, ଉତ୍ତମ ଦାସ, ବିଶ୍ୱନାଥ ଦାସ, ଶିବପ୍ରସାଦ ବଡ଼ଜେନା, ବାଇଧର ମହାରଣା, ତାରା ପଟ୍ଟନାୟକ, କାହ୍ନୁ ପ୍ରସାଦ ପରିଡ଼ା, ନିର୍ମଳ ଜାଣି, ଅଶୋକ ସାନା, ବଳରାମ ଦାସ, ଅଶ୍ୱିନି ମଣ୍ଡଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ପୋଡ଼ାଡିହ ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର

## ଉଦ୍‌ଘାଟନ ପୂର୍ବରୁ ଛାଡ଼ିଲାଣି ରଙ୍ଗ

**ବେଗୁନିଆ, ୨୨।୧(ସମିସ):** ବେଗୁନିଆ ବ୍ଲକ ଅନ୍ତର୍ଗତ ପୋଡ଼ାଡିହ ନୂତନ ସ୍ୱାସ୍ଥ୍ୟ ଉପକେନ୍ଦ୍ରଟି ୬୦ ଲକ୍ଷ ଟଙ୍କାରୁ ଅଧିକ ବ୍ୟୟରେ ବ୍ଲକ ପ୍ରଶାସନ ପକ୍ଷରୁ ଠିକାଦାର ମାଧ୍ୟମରେ କରାଯାଇ ଥିଲା। ସ୍ଥାନୀୟ ଗ୍ରାମର ପୂର୍ବତନ ସରପଞ୍ଚ ସୁଦର୍ଶନ ମାଣିକଙ୍କ ସୂଚନା ଅନୁଯାୟୀ ମୂଳ ଭିତ୍ତିଭୂମି ଠାରୁ ଆରମ୍ଭ କରି କାର୍ଯ୍ୟର ମାନ ସଠିକ୍ ରହି ନ ଥିବାରୁ ଛାତ ତଳେ ବର୍ଷା ହେଲେ ପାଣି ଜମି ରହୁଛି। ତତ ସହିତ ରଙ୍ଗ ବୋଳା ସରିବା ପରେ ମଧ ଉଦଘାଟନ ପୂର୍ବରୁ 'ଘରେ ନ୍ ପଶୁଣୁ ଚାଳ ବାଜିବା ନ୍ୟାୟରେ' ବିଭିନ୍ନ ସ୍ଥାନରୁ ଆବଡ଼ା ଖାବଡ଼ା ହୋଇ ଖୋଳପା ହୋଇ ତଳେ ପଡ଼ିବାରେ ଲାଗି ପଡ଼ିଅଛି।



ଯାହାକୁ ନେଇ ସ୍ୱାସ୍ଥ୍ୟ କେନ୍ଦ୍ରର ପରିଚାଳନା କମିଟି ସଭାପତି ତଥା ଜିଲ୍ଲା ପରିଷଦ ସଭ୍ୟ ପ୍ରକାଶ ଚନ୍ଦ୍ର ସାହୁ ଓ ସରପଞ୍ଚ ଲତା ସେଠୀଙ୍କ କମିଟି ସଭ୍ୟ ସମେତ ଅସନ୍ତୋଷ ପ୍ରକାଶ କରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରିଛନ୍ତି। ଏହି ଘଟଣାରେ ବେଗୁନିଆ ବ୍ଲକ ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଅମୂଲ୍ୟ କୁମାର ବାହିନୀପତିଙ୍କୁ ପଚାରିବାରୁ ନୂତନ ଭାବେ କାର୍ଯ୍ୟରେ ଯୋଗଦାନ କରିଥିବାରୁ ଘଟଣା ସମ୍ପର୍କରେ ଅବଗତ ନାହାନ୍ତି ବୋଲି କହିଛନ୍ତି।

## ବାଲୁଗାଁ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ବାଲୁଗାଁ, ୨୨।୧(ସମିସ) :** ବାଲୁଗାଁ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦଘାଟିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଲକ୍ଷ୍ମୀଧର ସୁବୁଦ୍ଧି ଏହି କ୍ରୀଡା ଉତ୍ସବକୁ ଉଦଘାଟନ କରିଥିବା ବେଳେ ଯୁକ୍ତ ଦୁଇ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ଶ୍ରୀଚନ୍ଦନ ଓ ପ୍ରଶାସନିକ ଅଧିକାରୀ ଡ. କୈଳାସ ଚନ୍ଦ୍ର ମହାରଣା ଯୋଗ ଦେଇ ମତବ୍ୟକ୍ତ କରିଥିଲେ। କ୍ରୀଡ଼ା ପରିଷଦର ଉପସଭାପତି ମୃଡାଣୀ ଶଙ୍କର ପ୍ରସାଦ ମିଶ୍ର, ସୁବ୍ରତ ତ୍ରିପାଠୀ, ହିମାଂଶୁ ଦାଶ, ବାଳକୃଷ୍ଣ ପାଢ଼ୀ, ସ୍ୱାତି ସ୍ୱାଗତିକା ସାହୁ, ଉମାକାନ୍ତ ସାହୁ, ମନୋଜ ନାୟକ, ସ୍ନିଗ୍ଧାରାଣୀ ମୁଦୁଲି, ରୋଜାଲିନ ମିଶ୍ର, ପ୍ରିୟମ୍ୱଦା ମହାପାତ୍ର ଏବଂ ଗୋଦାବରୀଶ ବିଦ୍ୟାପୀଠର କ୍ରୀଡ଼ା ଶିକ୍ଷକ ସିଦ୍ଧାନ୍ତ ସ୍ୱାଇଁ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାକୁ ସୁପରିଚାଳନା କରିଥିଲେ। ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

# ଜନ୍ମମାଟିରେ ପାଇକ କବି କୃଷ୍ଣଚନ୍ଦ୍ରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ

**ବାଣପୁର, ୨୨।୧(ସମିସ)**

ଅତିବଡ଼ି ସମ୍ମାନ ପ୍ରାପ୍ତ ପ୍ରଖ୍ୟାତ ସାରସ୍ୱତ ସାଧକ ଓଡ଼ିଶାର ପାଇକ କବି କୃଷ୍ଣଚନ୍ଦ୍ର ତ୍ରିପାଠୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ଜନ୍ମମାଟି ଭୀମପୁରସ୍ଥିତ ବାନାମ୍ବର ସରକାରୀ ଉଚ୍ଚବିଦ୍ୟାଳୟପରିସରରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସାହିତ୍ୟ ଏକାଡ଼େମୀ ଓ କୃଷ୍ଣଚନ୍ଦ୍ର ପାଠାଗାର ଭୀମପୁରର ମିଳିତ ଆନୁକୂଲ୍ୟରେ ପାଠାଗାରର ସଭାପତି ଶିକ୍ଷାବିତ୍ ସଂଗ୍ରାମ କେଶରୀ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ସମାରୋହରେ ମୁଖ୍ୟଅତିଥି ଭାବେ ଚିଲିକା ବିଧାୟକ ତଥା ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟବକ୍ତା ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ତଥା ନାଟ୍ୟକାର ଡ. ବିଜୟ କୁମାର ଶତପଥୀ, ସମ୍ମାନୀତ ଅତିଥି ଭାବେ ବାଣପୁର ପଞ୍ଚାୟତ ସମିତିର ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ, ଓଡ଼ିଶା ସାହିତ୍ୟ ଏକାଡେମିର ସହ ସଚିବ ସଞ୍ଜୟ କୁମାର ଛୁଆଳସିଂ, ଚିଲିକା ସାହିତ୍ୟ ସମାଜର ସଭାପତି ବାଳମୁକୁନ୍ଦ ଦାସ, ନାଟ୍ୟକାର ସୁବାଷଚନ୍ଦ୍ର ମହାପାତ୍ର, ଦୁଷ୍ମନ୍ତ ହରିଚନ୍ଦନ ଓ ରାଧାକୃଷ୍ଣ ଗଡ଼ନାୟକ ପ୍ରମୁଖ ଯୋଗଦେଇ ପାଇକ କବି କୃଷ୍ଣଚନ୍ଦ୍ର ତ୍ରିପାଠୀଙ୍କ ବହୁମୁଖି ପ୍ରତିଭା ତଥା କାଳଜୟୀ ମାନବଧର୍ମୀ କବିତା ଓଡ଼ିଶାର ଜନମାନସକୁ ସବୁବେଳେ ଉଦ୍‌ବେଳିତ କରୁଥିଲା ବେଳେ ବୀରପାଇକ ଜାତିର ଜାତୀୟତାବୋଧ, ଦେଶାତ୍ମବୋଧ ଭାବନା ପରାଧୀନ ଭାରତ ବର୍ଷରେ ସ୍ୱାଧିନତା ସଂଗ୍ରାମୀ ମାନଙ୍କୁ ଦେଶ ପ୍ରତି ଉତ୍ସର୍ଗୀକୃତ ମନୋଭାବ ସୃଷ୍ଟି କରିବାରେ କିପରି ପ୍ରେରଣା ଯୋଗାଇଥିଲା ଏବଂ ତାହା ସହିତ ତାଙ୍କ ସାମଗ୍ରିକ କାବ୍ୟ ସମ୍ଭାର ଓଡ଼ିଆ ଭାଷା ଭଣ୍ଡାରକୁ ବୁଦ୍ଧିମନ୍ତ କରି ଅତିବଡ଼ି ସମ୍ମାନରେ ସମ୍ମାନିତ କରିଛି ସେ ସମ୍ପର୍କରେ ମତବ୍ୟକ୍ତ କରିବା ସହିତ କବିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପାଠାଗାରର ସମ୍ପାଦକ ଡ. ଚାନ୍ଦ କିଶୋର ତ୍ରିପାଠୀ ବିବରଣୀ ପାଠ କରିଥିବା ବେଳେ ଶିକ୍ଷାବିତ୍ ଆନନ୍ଦଚନ୍ଦ୍ର ସେନାପତି, ସହସମ୍ପାଦକ ଅଶୋକ କୁମାର ନନ୍ଦ ଓ ଜ୍ୟୋତିର୍ମୟ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ନାଟ୍ୟକାର ଡ. ବିଜୟ କୁମାର ଶତପଥୀଙ୍କୁ କୃଷ୍ଣଚନ୍ଦ୍ର ତ୍ରିପାଠୀ ସ୍ମାରକୀ ସମ୍ମାନରେ ସମ୍ମାନିତ କରାଯାଇଥିବା ବେଳେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପରିଶେଷରେ କୋଷାଧ୍ୟକ୍ଷ ବିଭୂତି ଭୂଷଣ ନନ୍ଦ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟାଭିନୟ ପରିବେଷଣ କରାଯାଇଥିଲା।



